visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.129 Bhubaneswar Sunday July 03 2022 | ୨୫ତମ ବର୍ଷ ସଂଖ୍ୟା-୧୨୯ ଭୁବନେଶ୍ୱର, ରବିବାର, ଜୁଲାଇ ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS


## ରାଜ୍ୟ ବଜେଟ୍ ଉପସ୍ଥାପିତ, ୨ ଲକ୍ଷ କୋଟିର ବ୍ୟୟ ଅଟକଳ



ଭୁବନେଶ୍ୱର,୨ ।୭(ପି.ଏନ): ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀ ଶନିବାର ଦିନ ବିଧାନସଭାର ମୌସୁମୀ ଅଧିବେଶନରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବର୍ଷ ପାଇଁ ମୋଟ କାର୍ଯ୍ୟକ୍ରମ ବ୍ୟୟବରାଦ ୧ ଲକ୍ଷ କୋଟି ଟଙ୍କା ହେବ , ଯାହା ବଜେଟ୍ ଆକାରର ୫୦% ରଖାଯାଇଛି। ଏହା ବ୍ୟତୀତ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ବଜେଟ୍ ବର୍ହିଭୂତ ସମ୍ବଳ ଉତ୍ସରୁ ୧୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଏହି ଆର୍ଥିକ ବର୍ଷ ଲାଗି ପ୍ରଶାସନିକ ରାଜସ୍ୱ ବ୍ୟୟ ବାବଦକୁ ୭୪,୨୬୧ କୋଟିଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରହିଛି। ଯେଉଁଥିରେ ଦରମା, ପେନସନ୍ , ସୁଧ ଦେୟ ଓ ପୁଂଜି ସମ୍ପତିର ରକ୍ଷଣାବେକ୍ଷଣା ଲାଗି ଯଥାକ୍ରମେ ୨୯,୨୪୮ କୋଟି , ୧୮, ୨୨୧ କୋଟି , ୮,୪୬୭ କୋଟି ଏବଂ ୫,୮୫୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ଡିଜାଷ୍ଟର ରିସ୍କ ମ୍ୟାନେଜମେଂଟ ଫଣ୍ଡ ପାଇଁ ୩,୨୧୦ କୋଟି ଟଙ୍କା ଏବଂ ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥା ପାଇଁ ୭,୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଉକ୍ତ ବର୍ଷ ଲାଗି ପୁଂଜି ବ୍ୟୟ ଅଟକଳ ୨୫,୭୩୨କୋଟି ଟଙ୍କା ଯାହା ସମଗ୍ର ରାଜ୍ୟ ଘରୋଇ ଉତ୍ପାଦର ୫.୪ ପ୍ରତିଶତ ରହିଛି। ଏହା ବିଗତ ବର୍ଷ ତୁଳନାରେ ୫୬ ପ୍ରତିଶତ ଅଧିକ ଅଟେ। ଅତିରିକ୍ତ ରଣ ଓ ଅଗ୍ରୀମ , ପୁଂଜି ସମ୍ପତି ସୃଷ୍ଟି ପାଇଁ ଅନୁଦାନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୧୧,୯୩୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ରାଜ୍ୟ ଘରୋଇ ଉତ୍ପାଦର ୧.୭ % । ବ୍ୟୟ ଅଟକଳ ପାଇଁ ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ ୧,୬୩, ୯୬୭ କୋଟି ଟଙ୍କା ଓ ରଣ ଏବଂ ଅନ୍ୟାନ୍ୟ ବାବଦରୁ ମିଳିଥିବା ୩୬,୦୩୩ କୋଟି ଟଙ୍କାରୁ ଭରଣା କରାଯିବ। ୨୦୨୨-୨୩ବର୍ଷ ପାଇଁ ଆକଳନ କରାଯାଇଥିବା ମୋଟ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସ ଉପରେ ରାଜ୍ୟର ଅଂଶ ଭାବେ ୩୬,୯୭୮ କୋଟି ଟଙ୍କା , ରାଜ୍ୟର ନିଜସ୍ୱ ଟିକସ ୪୬ ହଜାର କୋଟି , ନିଜସ୍ୱ ଅଣଟିକସ ରାଜସ୍ୱ ୪୮,୨୦୦ କୋଟି ଟଙ୍କାର ଓ କେନ୍ଦ୍ରୀୟ ଅନୁଦାନ ବାବଦକୁ ମିଳିବାକୁ ଥିବା ୩୨,୭୮୯ କୋଟି ଟଙ୍କା ଅର୍ନ୍ତଭୁକ୍ତ। ଏହା ନିଜସ୍ୱ ରାଜସ୍ୱ , ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର ୧୩.୨ ପ୍ରତିଶତ ହେବ। ରାଜ୍ୟ ବଜେଟ୍ ରେ ନିଜସ୍ୱ ରାଜସ୍ୱର ଅଂଶ , କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତ ଅଂଶଧନ ଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏହା ରାଜ୍ୟର ଅର୍ଥନୈତିକ ପ୍ରଗତିର ଏକ ଲକ୍ଷଣ।

## ବଜେଟ୍ ରେ କେଉଁ ବିଭାଗକୁ କେତେ

ଭୁବନେଶ୍ୱର, ୨ ।୭(ପି.ଏନ): ୨୦୨୨-୨୩ ବଜେଟରେ ସ୍ୱରାଷ୍ଟ୍ର ବିଭାଗ ପାଇଁ ୬୪୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୫୩୪ କୋଟି ଟଙ୍କା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୧୫୧୧ କୋଟି ଟଙ୍କା, ଆଇନ ବିଭାଗ ପାଇଁ ୬୦୮ କୋଟି ଟଙ୍କା, ଅର୍ଥ ବିଭାଗ ପାଇଁ ୫୮୫୫୬ କୋଟି ଟଙ୍କା, ବାଣିଜ୍ୟ ବିଭାଗ ପାଇଁ ୧୮୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ନିର୍ମାଣ ବିଭାଗ ପାଇଁ ୮୩୮୩ କୋଟି ଟଙ୍କା, ଓଡ଼ିଶା ବିଧାନସଭା ପାଇଁ ୧୮୮ କୋଟି ଟଙ୍କା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୧୨୦୫ କୋଟି ଟଙ୍କା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨୦୬୩୬ କୋଟି ଟଙ୍କା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପାଇଁ ୪୦୯୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧୨୩୪୨ କୋଟି ଟଙ୍କା, ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ପାଇଁ ୭୨୫୮ କୋଟି ଟଙ୍କା, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପାଇଁ ୧୯୫ କୋଟି ଟଙ୍କା, କ୍ରୀଡ଼ା ଓ ଯୁବସେବା ବିଭାଗ ପାଇଁ ୯୧୧ କୋଟି ଟଙ୍କା, ଯୋଜନା ଓ ସଂଯୋଜନ ବିଭାଗ ପାଇଁ ୩୦୩୫ କୋଟି ଟଙ୍କା ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୨୧୭୪୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗ ପାଇଁ ୨ କୋଟି ଟଙ୍କା, ଶିଳ୍ପ ବିଭାଗ ପାଇଁ ୬୪୬ କୋଟି ଟଙ୍କା, ଜଳ ସମ୍ପଦ ବିଭାଗ ପାଇଁ ୧୦୦୪୫ କୋଟି ଟଙ୍କା, ପରିବହନ ବିଭାଗ ପାଇଁ ୧୧୯୨ କୋଟି ଟଙ୍କା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପାଇଁ ୧୧୧୨ କୋଟି ଟଙ୍କା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ୬୪୪୬ କୋଟି ଟଙ୍କା, ଇସ୍ପାତ ଓ ଖଣି ବିଭାଗ ପାଇଁ ୧୮୩ କୋଟି ଟଙ୍କା, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ ୧୨୯ କୋଟି ଟଙ୍କା, ଅବକାରୀ ବିଭାଗ ପାଇଁ ୧୫୮ କୋଟି ଟଙ୍କା, ବିଜ୍ଞାନ ଓ ବୈଷୟିକ ବିଭାଗ ପାଇଁ ୧୮୭ କୋଟି ଟଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୬୯୬୭ କୋଟି ଟଙ୍କା, ସଂସଦୀୟ ବ୍ୟାପାର ବିଭାଗ ପାଇଁ ୮୪ କୋଟି ଟଙ୍କା, ଶକ୍ତି ବିଭାଗ ପାଇଁ ୩୪୮୨ କୋଟି ଟଙ୍କା, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପାଇଁ ୨୦୩ କୋଟି ଟଙ୍କା, ପର୍ଯ୍ୟଟନ ବିଭାଗ ପାଇଁ ୫୯୦ କୋଟି ଟଙ୍କା, ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ ପାଇଁ ୧୬୫୮ କୋଟି ଟଙ୍କା, ସମବାୟ ବିଭାଗ ପାଇଁ ୧୮୪୧ କୋଟି ଟଙ୍କା, ସାଧାରଣ ଉଦ୍ୟୋଗ ବିଭାଗ ପାଇଁ ୧୦ କୋଟି ଟଙ୍କା, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପାଇଁ ୩୫୬୭ କୋଟି ଟଙ୍କା, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପାଇଁ ୩୦୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପାଇଁ ୨୮୩୬ କୋଟି ଟଙ୍କା, ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ ପାଇଁ ୮୧୧ କୋଟି ଟଙ୍କା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପାଇଁ୬୨୩ କୋଟି ଟଙ୍କା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପାଇଁ ୩୭୦୬ କୋଟି ଟଙ୍କା, ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୩୨୬୨ କୋଟି ଟଙ୍କା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ୧୬୯ କୋଟି ଟଙ୍କା ଏବଂ ମିଶନ ଶକ୍ତି ବିଭାଗ ପାଇଁ ୨୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

### କଟକରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ

ଭୁବନେଶ୍ୱର, ୨ ।୭(ପି.ଏନ): ଭୁବନେଶ୍ୱର ପରେ କଟକରେ ବଢିଲା କୋଭିଡ୍ କଟକଣା। କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରୁ କଟକ ସହରରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । କଟକରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ନେଇ କଟକ ମହାନଗର ନିଗମ ପକ୍ଷରୁ (ସିଏମ୍‌ସି) ଆଜି ଗାଇଡଲାଇନ୍ ଜାରି କରାଯାଇଛି। ଗାଇଡଲାଇନ୍ ରେ କୁହାଯାଇଛି ଯେ, କଟକରେ ରହୁଥିବା ଲୋକ ଓ କଟକକୁ ଆସୁଥିବା ଲୋକମାନଙ୍କୁ ବାଧ୍ୟତାମୂଳକ ଭାବେ ମାସ୍କ ପିନ୍ଧିବାକୁ ପଡ଼ିବ। ଘରୁ ବାହାରକୁ ଗଲେ ଅଥବା ସର୍ବସାଧାରଣସ୍ଥଳୀରେ ଲୋକଙ୍କୁ ମାସ୍କ ପିନ୍ଧିବାକୁ ପଡ଼ିବ। ଜନଗହଳିପୂର୍ଣ୍ଣ ସ୍ଥାନରେ ୨ ମିଟର ବ୍ୟବଧାନରେ ରହିବାକୁ ପଡ଼ିବ। ମଲ୍, ସପିଂମଲ, ବ୍ୟବସାୟିକ ସ୍ଥାନରେ ଗ୍ରାହକ ଯେପରି ୨ ମିଟର ସାମାଜିକ ଦୂରତା ରକ୍ଷା କରିବେ, ସେ ନେଇ ମାଲିକ ନଜର ରଖିବେ। ସେହିପରି ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀଙ୍କୁ ମାସ୍କ ପିନ୍ଧିବାକୁ ପଡ଼ିବ। ବାହାରେ ଛେପ ପକାଇବା ନେଇ ମଧ୍ୟ ସିଏମ୍‌ସି କଟକଣା ଜାରି କରିଛି।

## ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତି

ପୁରୀ, ୨ ।୭(ପି.ଏନ): ରଥାରୁଢ ଚତୁର୍ଦ୍ଧାମୂର୍ତି ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ଗୋଟି ପହଣ୍ଡିରେ ବିଜେ କରିଛନ୍ତି । ଅପରାହ୍ନରେ କୋଠ ସୁଆଁସିଆମାନେ ଚାରମାଳ ବାନ୍ଧିବା ପରେ ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତି ଅନୁଷ୍ଠିତ ହୋଇଥିଲା । ସଂନ୍ଧ୍ୟା ଆଳତୀ ପରେ ଟାହିଆ ଲାଗି ଏବଂ ପରେ ପରେ ପହଣ୍ଡି ଆରମ୍ଭ ହୋଇଥିଲା। ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତି। ପ୍ରଥମେ ରାମକୃଷ୍ଣ ମଦନମୋହନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ପରେ ରଥାରୁଢ଼ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା । ଏହାପରେ ଦେବୀ ମା ସୁଭଦ୍ରା, ବଡ଼ଠାକୁର ଶ୍ରୀ ବଳଭଦ୍ର ଓ ଶେଷରେ କାଳିଆ ଠାକୁର ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଛନ୍ତି । ଗତକାଲି ଶ୍ରୀଗୁଣ୍ଡିଚାରେ ତିନିରଥ ଶରଧାବାଲି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିଲା । ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତି ଅନୁଯାୟୀ ଆଜି ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଆଡ଼ପ ମଣ୍ଡପକୁ ସେବାୟତମାନେ ବିଜେ କରାଇଛନ୍ତି । ରଥ ଉପରେ ଆଜି ସକାଳୁ ମଙ୍ଗଳଆଳତି, ତଡ଼ପଲାଗି, ଅବକାଶ, ବେଶ ଶେଷ, ଗୋପାଳଭୋଗ, ସକାଳଧୂପ ଶେଷ ହେବା ପରେ ୧୧ଟା ୩୫ରେ ସର୍ବାଙ୍ଗ କରାଯାଇଥିଲା। ସକାଳୁ ଲକ୍ଷାଧିକ ଭକ୍ତ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ରଥ ଚାରିପଟେ ଦୀପ ଜାଳିବା ସହ ଶୁଖିଲା ଭୋଗ ଅର୍ପଣ କରାଯାଇଥିବା ଦେଖିବାକୁ ମିଳିଥିଲା। ବିଜେ କାହାଳି ବାଜିବା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ରାମକୃଷ୍ଣ ମଦନମୋହନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ପରେ ପରେ ପ୍ରଭୁ ଶ୍ରୀ ସୁଦର୍ଶନ, ଦେବୀ ମା ସୁଭଦ୍ରା, ବଡ଼ଠାକୁର ଶ୍ରୀ ବଳଭଦ୍ର ଓ ଶେଷରେ କାଳିଆ ଠାକୁର ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ରଥରେ ସିନ୍ଧୁକରେ ଆସିଥିବା ସମସ୍ତ ସରଞ୍ଜାମ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ଘଂଟ, ଘଂଟା, ମୃଦଙ୍ଗର ତାଳେ ତାଳେ ଶ୍ରୀଜୀଉ ମାନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ଶରଧାବାଲି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କନୱ୍ୱର ବିଶାଲ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଓ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶାନ୍ତି ଶୃଙ୍ଖଳାରେ ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଡିଜିଟାଲ ବଜେଟ୍ ପ୍ରଦାନ କଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୨ ।୭(ପି.ଏନ): ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଶନିବାର ବିଧାନସଭାରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ପୂର୍ବରୁ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଡିଜିଟାଲ ବଜେଟ୍ ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ପେନଡ୍ରାଇଭ ପ୍ରଦାନ କରିଥିବା ବେଳେ ଏଥିରେ ରହିଛି ୨ ଲକ୍ଷ କୋଟି ଟଙ୍କାର ବଜେଟର ବିସ୍ତୃତ ତଥ୍ୟ। ଏହାପରେ ଅର୍ଥ ମନ୍ତ୍ରୀ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଙ୍କୁ ତାଙ୍କ ବିଧାନ ସଭା ପ୍ରକୋଷ୍ଠରେ ଭେଟି ୨୦୨୨-୨୩ ମସିହାର ବାର୍ଷିକ ବଜେଟ ପ୍ରଦାନ କରିଛନ୍ତି।

## ବିଜେବି କଲେଜ ଛାତ୍ରୀ ରୁଚିକାଙ୍କ ଭଳି ସେଦିନ ଜୀବନ ହାରିଥିଲେ ରିଚ୍ଚା





ଭୁବନେଶ୍ୱର,୨ ।୭(ପି.ଏନ): ଆଜି ଆତ୍ମହତ୍ୟା କରିଥିବା ରୁଚିକା ମହାନ୍ତିଙ୍କ ଭଳି ୨୦୦୫ ମସିହାରେ ଜୀବନ ହାରିଥିଲେ ଆଉ ଜଣେ ଛାତ୍ରୀ। ସେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ସେ ହେଉଛନ୍ତି ରିଚ୍ଚା ମିଶ୍ର। ରିଚ୍ଚା ବିଜେବି କଲେଜର +୩ ଶେଷ ବର୍ଷ କମର୍ସ ଛାତ୍ରୀ ଥିଲେ। ୩ ଅଧ୍ୟାପକଙ୍କ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ସେ ଜୀବନ ହାରିଥିଲେ। ୨୦୦୫ ମସିହା ନଭେମ୍ବର ୧୮ରେ ଆତ୍ମହତ୍ୟା କରିଥିଲେ ରିଚ୍ଚା। ଆତ୍ମହତ୍ୟା ପୂର୍ବରୁ ଏକ ସୁଇସାଇଡ ନୋଟ୍ ଛାଡ଼ି ଯାଇଥିଲେ ରିଚ୍ଚା। ତିନି ଅଧ୍ୟାପକ ତାଙ୍କୁ ସେମାନଙ୍କ ପାଖରେ କୋଚିଂ ନେବାକୁ ବାଧ୍ୟ କରୁଥିଲେ। କୋଚିଂ ନନେଲେ ସେମାନେ ତାଙ୍କ କ୍ୟାରିଅର ସଫା କରିଦେବେ ବୋଲି କହିଥିଲେ। ଏମିତିକି ପରୀକ୍ଷାରେ ମାର୍କ କମାଇ ଦେଇଥିବା ମଧ୍ୟ ରିଚ୍ଚା ଲେଖିଥିଲେ। ମାନସିକ ନିର୍ଯାତନା ସହିନପାରି ଶେଷରେ ଆତ୍ମହତ୍ୟା କରିଥିଲେ ରିଚ୍ଚା। ଘଟଣାକୁ ନେଇ ତମ୍ବିତୋଫାନ ପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ତିନି ଅଧ୍ୟାପକଙ୍କୁ ତୁରନ୍ତ ନିଲମ୍ବନ ସହ ତଦନ୍ତ କମିଟି ବସାଯାଇଥିଲା ।ସେପଟେ ଡଂଟଇଞ୍ଜ ପ୍ରଫେସର ଥିବା ରିଚ୍ଚାଙ୍କ ବାପା ଏତଲା କରିଥିଲେ। ଘଟଣାର ୮ ମାସ ପରେ ତିନି ଅଧ୍ୟାପକଙ୍କୁ ଗିରଫ କରାଯାଇଥିଲା ।ରିଚ୍ଚା ଆତ୍ମହତ୍ୟା କରିବାର ୧୭ ବର୍ଷ ପରେ ସମାନ ଘଟଣା ଘଟିଛି ବିଜେବି କଲେଜରେ। ସିନିୟର୍ ଛାତ୍ରୀଙ୍କ ରାଗିଂ ସହି ନପାରି ଜଣେ +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିଛନ୍ତି। ସେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆଉ ଆତ୍ମହତ୍ୟା ପୂର୍ବରୁ ଛାଡି ଯାଇଛନ୍ତି ସୁଇସାଇଡ୍ ନୋଟ୍। କଲେଜରେ ରାଗିଂ ଦିଆଯାଉଥିବା ନେଇ ସମ୍ପର୍କରେ ସେ ସେଥିରେ ଲେଖିଛନ୍ତି। ଏନେଇ ପରିବାର ଲୋକେ ବଡଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ କମିଶନରେଟ୍ ପୁଲିସ ମାମଲା ରୁଜୁ କରି ୭ ଛାତ୍ରୀଙ୍କୁ ପଚ଼ରାଉଚ଼ରା କରୁଛି। ତେବେ ବର୍ତ୍ତମାନ ସୁଦ୍ଧା ପୁଲିସ କାହାରିକୁ ଗିରଫ କରିନାହିଁ।

## ୪ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷିବ !



ଭୁବନେଶ୍ୱର,୨ ।୭(ପି.ଏନ): ବାଂଲାଦେଶ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶା ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ୪ ଦିନ ଯାଏଁ ଓଡିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ କହିବା ଅନୁସାରେ ଆସନ୍ତାକାଲି ସକାଳ ସା ? ? ୮ଟା ଭିତରେ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, ନୂଆପଡା ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଠିକ୍ ? ସେହିପରି ସୁନ୍ଦରଗଡ, ମୟୂରଭଞ୍ଜ, ଦେବଗଡ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ବରଗଡ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଜପତି, ଗଞ୍ଜାମ, କନ୍ଧମାଳ, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ଆଶଙ୍କା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ

ଭୁବନେଶ୍ୱର, ୨ ।୭(ପି.ଏନ): ଶନିବାର ଠାରୁ ଆରମ୍ଭ ହୋଇଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ। ଆଜି ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଚାଲିବ। ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି। ଜୁଲାଇ ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨ରୁ ୬ ତାରିଖ ଯାଏ ଗୃହ ଚାଲିବ। ଜୁଲାଇ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ୧୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏ ଚାଲିବ। ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ ପ୍ରଥମ ଥର ପାଇଁ ଗୃହ ପରିଚାଳନା କରୁଛନ୍ତି । ଅଧିବେଶନ ପୂର୍ବରୁ ଗତ ବୁଧବାର ଦିନ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଥର କୋଭିଡ୍ କଟକଣା ମଧ୍ୟରେ ବିଧାନସଭାର ଗୃହ କାର୍ଯ୍ୟ ୫ ଘଂଟା ପରିବର୍ତେ ୬ ଘଂଟା ଯାଏ ଚାଲିବ ବୋଲି ଏହି ବୈଠକରେ ନିଷ୍ପତି ଗ୍ରହଣ କରା ଯାଇଥିଲା।

## ନୂପୁର ଶର୍ମାଙ୍କ ବକ୍ତବ୍ୟକୁ ନେଇ ବିଧାନସଭାରେ କଂଗ୍ରେସ ଓ ବିଜେପି ବିଧାୟକ ସାମନା ସାମନି: ଗୃହ ବାରମ୍ବାର ମୁଲତବୀ

ଭୁବନେଶ୍ୱର,୨ ।୭(ପି.ଏନ): ବିଜେପିର ପୂର୍ବତନ ପ୍ରବକ୍ତା ନୁପୁର ଶର୍ମାଙ୍କ ବକ୍ତବ୍ୟ ଓ ଏହାକୁ ନେଇ ସୁପ୍ରିମ କୋର୍ଟ ଦେଇଥିବା ମନ୍ତବ୍ୟକୁ ନେଇ ଆଜି ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଏହାକୁ ନେଇ ବାଚସ୍ପତିଙ୍କୁ ଗୃହ ବାରମ୍ବାର ମୁଲତବୀ ରଖିବାକୁ ପଡିଥିଲା । ଶେଷରେ ବାଚସ୍ପତି ଗୃହକୁ ୧୨.୪୬ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ । ପ୍ରଶ୍ନକାଳ ପରେ ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇଥିଲେ। ସେ ବିଜେପିର ପ୍ରବକ୍ତା ନୁପୁର ଶର୍ମା ଦେଇଥିବା ବକ୍ତବ୍ୟ ପରେ ସୁପ୍ରିମକୋର୍ଟ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଉଲ୍ଲେଖ କରି କେନ୍ଦ୍ରର ବିଜେପି ସରକାରଙ୍କୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ। ବିଜେପି ଦଳର ଉପନେତା ବିଷ୍ଣୁ ସେଠୀ ଏହାର ପ୍ରତିବାଦ କରିଥିଲେ ଓ କହିଥିଲେ ଯେ ଏହି ମାମଲାରେ ବିଜେପି ନୁପୁରଙ୍କୁ ନିଲମ୍ବିତ କରି ସାରିଛି ଓ ସେ ଏକ ପ୍ରକାର କ୍ଷମା ମଧ୍ୟ ମାଗି ସାରିଛନ୍ତି । ରାଜସ୍ଥାନର କଂଗ୍ରେସ ଶାସନରେ ଉଦୟପୁର ଠାରେ ଜଣେ ବ୍ୟକ୍ତିଙ୍କୁ ଗଳା କାଟି ହତ୍ୟା କରିବା ଘଟଣାକୁ ନେଇ ସେ କଂଗ୍ରେସକୁ ଟାର୍ଗେଟ କରିଥିଲେ। ଏହି ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ୧୦-୧୦ ମିନିଟ ଦୁଇ ଥର ପାଇଁ ମୁଲତବୀ ରଖିଥିଲେ। ଶେଷରେ ବାଚସ୍ପତି ୧୨.୫୬ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

## କାମ ହେବାର ୬ ମାସ ଯାଇନି ୧୫ ଲକ୍ଷର ରାସ୍ତା ବରବାଦ୍

ବଲାଙ୍ଗିର, ୨ ।୭(ପି.ଏନ): ବଲାଙ୍ଗିର ପୌରପାଳିକାରେ କନିଷ୍ଠଯନ୍ତ୍ରୀ ଓ ଠିକାଦାର ମାନଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର କାମକୁ ନିମ୍ନମାନର କରାଯାଉଥିବା ଅଭିଯୋଗ ଉଠୁଛି । ଗତ କିଛିବର୍ଷ ହେଲା ବଲାଙ୍ଗିର ପୌରପାଳିକାକୁ ବହୁ ପରିମାଣରେ ସହରାଂଚଳ ବିକାଶ ବିଭାଗ ତରଫରୁ ଅନୁଦାନ ଆସୁଛି ଓ ରାସ୍ତାଘାଟ ନିର୍ମାଣ ଚାଲିଛି । ଗତ ୨୦୧୯ ବନ୍ୟା ପରେ କୋଟି କୋଟି ଟଙ୍କାର ଏଫଡିଆର ପାଣ୍ଠିରୁ ମଧ୍ୟ ଅନୁଦାନ ଆସିଥିଲା । ସେଥିରୁ ପାଟଣାଗଡ ରୋଡର ଆମର ବଲାଙ୍ଗିର ପାର୍କ ଠାରୁ ଲର୍କପାଲି ଆମପଡାକୁ ଯାଇଥିବା ରାସ୍ତା ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପ୍ରାୟ ୧୦୦ ମିଟର ଡ୍ରେନକାମ ସହିତ କଂକ୍ରିଟ ରାସ୍ତାକାମ ପାଇଁ ଅଟକଳ କରି ଟେଣ୍ଡର କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ଠିକଦାର କାମ ସାରିଦେଇ ବିଲ ମଧ୍ୟ ନେଇଗଲେ । କିନ୍ତୁ, ନିର୍ମାଣର ୬ ମାସ ନଯାଉଣୁ ଏହି ରାସ୍ତାର କଂକ୍ରିଟ ଭୁଷୁଡି ପଡିଛି । ରାସ୍ତାକାମ ନିମ୍ନମାନର ହୋଇଥିବାରୁ ରାସ୍ତାର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ କଂକ୍ରିଟ ଭୁଷୁଡି ପଡିଛି । ଏହି ରାସ୍ତାକାମ ବେଳେ କନିଷ୍ଠଯନ୍ତ୍ରୀ କିମ୍ବା ଏମଇ କେହି ମଧ୍ୟ ତଦାରଖ କରିନଥିବା ଅଭିଯୋଗ ହେଉଛି । ଫଳରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଉଠିଛି । ଲକ୍ଷାଧିକ ଟଙ୍କାର ରାସ୍ତାକାମ ନିମ୍ନ ମାନର ହେଉଥିବା କାରଣରୁ ଜନଅସନ୍ତୋଷ ବୃଦ୍ଧି ପାଉଛି । ଏହି କାମକୁ କନିଷ୍ଠଯନ୍ତ୍ରୀ ଗୋଲକ ସାହୁଙ୍କ ତତ୍ୱାବଧାନରେ କରାଯାଉଥିଲା । କିନ୍ତୁ, ତାଙ୍କ ଅପରଗତାରୁ ତାଙ୍କର ଅନେକ ଗୁଡିଏ କାମ ନିମ୍ନ ମାନର ହେଉଥିବା ଲକ୍ଷ୍ୟ କରାଯାଇଛି । ସେହି କାରଣରୁ ଓଁକାର ଛକରେ ଚାଲିଥିବା ମାର୍କେଟ କମ୍ପ୍ଲେକ୍ସ କାମରେ ହେରାଫେରି କାରଣରୁ ତାଙ୍କୁ ଜିଲ୍ଲାପାଳ ନିଲମ୍ବିତ ମଧ୍ୟ କରିଛନ୍ତି । ଏହି ରାସ୍ତାର ଅବସ୍ଥାକୁ ଦେଖିଲେ ଯେକେହି ହେଲେ କନିଷ୍ଠ ଯନ୍ତ୍ରୀଙ୍କ ଅପାରଗତାକୁ ହିଁ ଦାୟୀ କରିବ । ସହର ଭିତରେ ଅଧିକାରୀମାନଙ୍କ ନାକତଳେ ଏଭଳି ନିମ୍ନମାନର କାମ ହେଉଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏହି ରାସ୍ତାକାମ ଉପରେ କନିଷ୍ଠଯନ୍ତ୍ରୀ ଗୋଲକ ସାହୁଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ଫୋନ ଲାଗୁନଥିଲା । ସେହିପରି ପୌରପାଳିକାର ଏମଇ ଥିବା ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ ସୁବ୍ରତ ନାଏକଙ୍କୁ ପଚାରିବାରୁ ସବୁ ରାସ୍ତାକୁ କାମ ବେଳେ ଯାଇ ହେଉନଥିବା ସ୍ୱୀକାର କରିଥିଲେ ଓ ରାସ୍ତାଟି କିଭଳି ଫାଟିଲା ଦେଖିବେ ବୋଲି କହିଛନ୍ତି । ଜିଲ୍ଲାପାଳ ନିଜେ ଏହି ରାସ୍ତା କାମର ତଦନ୍ତ କରିବାକୁ ଜନସାଧାରଣରେ ଦାବି ହେଉଛି ।

## ପର୍ଯ୍ୟଟନ କ୍ଷେତ୍ର ଗୁଡିକର ଆଶାନୁରୂପ ବିକାଶ ହେଉ ନ ଥିବା ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର,୨ ।୭(ପି.ଏନ): ରାଜ୍ୟରେ ପର୍ଯ୍ୟଟନର ଅସୀମ ସମ୍ଭାବନା ଥିବା ସତ୍ୱେ ଏହାର ସଠିକ ବିକାଶ ହେଉ ନାହିଁ। ଫଳରେ ରାଜ୍ୟ ପର୍ଯ୍ୟଟନରୁ ଯେତିକି ଲାଭ ପାଇବା କଥା ସେତିକି ମିଳୁ ନାହିଁ ବୋଲି କହି ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ବିଧାନସଭାରେ ଉଦବେଗ ପ୍ରକାଶ କରିଛନ୍ତି। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ କାର୍ଯ୍ୟ ସ୍ୱାଭବିକ ଭାବେ ଆରମ୍ଭ ହୋଇଥିଲା । ପର୍ଯ୍ୟଟନର ବିକାଶ ସମ୍ପର୍କିତ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଏକ ପ୍ରଶ୍ନର ଉତର ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦେଇଥିଲେ। ଏହି ପ୍ରଶ୍ନର ଆଲୋଚନା ବେଳେ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକ ମାନେ ପ୍ରଶ୍ନ କରିଥିଲେ । ଏନେଇ ବିଧାୟକ ଦେବୀ ମିଶ୍ର କହିଥିଲେ ଯେ, 'ପର୍ଯ୍ୟଟନ ଭିତ୍ତିଭୂମି କ୍ଷେତ୍ରରେ ରୋଡ଼ମ୍ୟାପକୁ ଆମେ ଠିକଣା ଢଙ୍ଗରେ ଓ ଠିକଣା ସମୟରେ କରି ପାରୁନାହିଁ । ଯେଉଁଥିପାଇଁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଯେମିତି ଅଭିବୃଦ୍ଧି ହେବା କଥା ତାହା ହୋଇ ପାରୁନାହିଁ ।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଶ୍ରୀଗୁଣ୍ଡିଚାରେ ରଥ...ପଥ...ବ୍ରହ୍ମ ତାଳଧ୍ୱଜ...



କେନ୍ଦ୍ରାପଡ଼ା (ପିଏନ୍): ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମରେ ସତେ ଯେମିତି ଫାଟି ପଡୁଥିଲା ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ। ଘଣ୍ଟ, ଘଣ୍ଟା, ମୃଦଙ୍ଗ, କାହାଳୀ ଶବ୍ଦରେ ପ୍ରକମ୍ପିତ ହେଉଥିଲା ତୁଳସୀକ୍ଷେତ୍ର ରଥଦାଣ୍ଡର ଗଗନ ପବନ। ବ୍ରହ୍ମ ତାଳଧ୍ୱଜ ରଥକୁ ଛୁଇଁବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ ଆବେଗ ବଢ଼ି ଯାଇଥିଲା। ଭକ୍ତ ଓ ଭଗବାନଙ୍କ ମିଳନ ଦୁଇବର୍ଷର ଅନ୍ତର ପରେ ଥିଲା ବେଶ ଭାବବିହ୍ୱଳିତ। ଭକ୍ତମାନଙ୍କ ଆଖିରୁ ଝରି ପଡୁଥିଲା ଅଶ୍ରୁ। ରଥାରୂଢ଼ ଶ୍ରୀଜୀଉମାନଙ୍କୁ ଦେଖିବାରୁ ୨ବର୍ଷ ଧରି ବଞ୍ଚିତ ଥିଲେ ଭକ୍ତମାନେ। ରଥ ଟାଣିବାର ଅପୂର୍ବ ଅନୁଭୂତିକୁ କରୋନା କଟକଣା ଯୋଗୁଁ ଦୂରେଇ ରଖାଯାଇଥିଲା। ତେଣୁ ୨୦୨୨ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ରଥ... ପଥ...ବ୍ରହ୍ମ ତାଳଧ୍ୱଜ ହୋଇଥିଲା ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉମୟ। ଅର୍ଥାତ ବ୍ରହ୍ମ ତାଳଧ୍ୱଜ ରଥ ଉପରେ ବଡ଼ ଭାଇ ବଳଭଦ୍ର, ସୁନା ଭଉଣୀ ସୁଭଦ୍ରା ଓ କାଳିଆ ସାଆନ୍ତଙ୍କୁ ଦର୍ଶନ କରି ଭକ୍ତମାନେ ଖୁସିରେ ଗଦଗଦ ହୋଇପଡିଥିଲେ। ଶୁକ୍ରବାର ସକାଳୁ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରିବା ପାଇଁ ରଥଦାଣ୍ଡ ଲୋକାରଣ୍ୟ ହୋଇଯାଇଥିଲା। ଶ୍ରୀଜୀଉମାନେ ପହଣ୍ଡି ବିଜେ କରି ରଥାରୂଢ଼ ହୋଇଥିଲେ। ଏହାପରେ ବ୍ରହ୍ମତାଳଧ୍ୱଜ ରଥ ଗଡିବା ପାଇଁ ପ୍ରସ୍ତୁତ ହୋଇଥିଲା। ଭକ୍ତମାନଙ୍କ ଭାବାବେଗକୁ ଦେଖି ପ୍ରଶାସନ ମଧ୍ୟ ତରଳି ଯାଇଥିଲା ନିର୍ଦ୍ଧାରିତ ସମୟରେ ରଥ ଟାଣିବା ପାଇଁ। ଅପରାହ୍ଣ ୩ଟା ବେଳେ ରଥ ଟଣା ହେବାକୁ ସମୟ ଦକ୍ଷିଣା ନେଉଥିଲେ। କିନ୍ତୁ ଏହି କାର୍ଯ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଚାଲିଥିଲା। ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ଡାକବାଜି ଯନ୍ତ୍ର ସାହାଯ୍ୟରେ ଏହି ଘଟଣାକୁ ବାରଣ କରୁଥିଲେ। କିନ୍ତୁ ସେବାୟତମାନେ ତାଙ୍କ କଥା ଶୁଣୁ ନ ଥିବାର ଦେଖାଯାଇଥିଲା। ସେମାନେ କହୁଥିଲେ ଗତ ଦୁଇବର୍ଷ ହେବ ଆମେ ଭକ୍ତଙ୍କଠାରୁ ଦକ୍ଷିଣା ନେଇନୁ। ତେଣୁ ଚଳିତ ବର୍ଷ ଆମକୁ କିଛି କୁହନାହିଁ। ଏଥିସହ ଲୋକେ ସେମାନଙ୍କ ପିଲାମାନଙ୍କୁ ରଥ ଛୁଇଁବାକୁ ଛାଡୁଥିବାରୁ ଆମେ ରଥ ଉପରକୁ ଚଢାଉଛୁ ବୋଲି ଅନ୍ୟ ଜଣେ ସେବାୟତ କହିଥିଲେ। ଫଳରେ ପୋଲିସ ନୀରବ ରହିବାକୁ ବାଧ ହୋଇଥିଲା। ସେମାନଙ୍କୁ ବିରୋଧ କଲେ ରଥ ଗଡାଇଦେବେ ନାହିଁ ବୋଲି ମଧ୍ୟ ଧମକ



ଦେଇଥିଲେ। ସେଥିପାଇଁ ପୋଲିସ ନୀରବ ରହିବାକୁ ବାଧ ହୋଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଥିଲେ। ରଥ ସିଂହଦ୍ୱାରରୁ ଟଣାହୋଇ ଦେବୋତ୍ତର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହା ହେଉଛି ତୁଳସୀ କ୍ଷେତ୍ରର ପରମ୍ପରା। ଶନିବାର ରଥ ଟଣାଯାଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଚକଡା ଲାଗିବ। ପରେ ରଥାରୂଢ଼ ଶ୍ରୀଜୀଉମାନେ ଜନ୍ମବେଦୀ ତଥା ମାଉସୀ ମା'ଙ୍କ ମନ୍ଦିରକୁ ପ୍ରବେଶ କରିବାର ପରମ୍ପରା ରହିଛି। ରଥ ଟାଣୁଥିବା ଜଣେ ଭକ୍ତ କହିଛନ୍ତି ଗତ ଦୁଇବର୍ଷ ହେବ ଭକ୍ତମାନେ ରଥ ଟାଣିବାର ସୁଯୋଗ ପାଇ ନ ଥିଲେ। ଫଳରେ ଭକ୍ତମାନେ ନିରାଶ ହୋଇପଡିଥିଲେ। ଚଳିତ ବର୍ଷ ଭକ୍ତମାନେ ରଥ ଟାଣିବାର ସୁଯୋଗ ପାଇଛନ୍ତି। ତେଣୁ ଭକ୍ତମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ରଥ କର୍ଡନ ନିକଟରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ତଥା ଟ୍ରଷ୍ଟବୋର୍ଡର ଅଧକ୍ଷ ନିରଞ୍ଜନ ବେହେରା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଟ୍ରଷ୍ଟ ବୋର୍ଡ ସଭ୍ୟ ଯଯାତୀ କେଶରୀ ମହାନ୍ତି, ରଞ୍ଜନ କୁମାର ପୃଷ୍ଟି, ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ନିର୍ଘଣ୍ଟ ହୋଇଥିଲେ ମଧ୍ୟ ଭକ୍ତଙ୍କ ଭାବାବେଗକୁ ଦେଖି ଏହା ଦୁଇ ଘଣ୍ଟା ୨୦ ମିନିଟ୍ ବିଳମ୍ବିତ ହୋଇଥିଲା। ଫଳରେ ୫ଟା ୨୦ମିନିଟ ସମୟରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଟାଣିବା ପାଇଁ ତ୍ରିସ୍ତରୀୟ ପୋଲିସ କର୍ଡନ ବ୍ୟବସ୍ଥା ହୋଇଥିଲା। କର୍ଡ଼ନ ମଧ୍ୟରେ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ମାଇକ୍ ଧରି ସୁରକ୍ଷିତ ଭାବେ ରଥ ଟାଣିବା ପାଇଁ ଭକ୍ତମାନଙ୍କୁ ସଚେତନ କରାଉଥିଲେ। ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପଦ ମଡ଼କର କର୍ଡ଼ନ ମଧ୍ୟରେ ରହି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରୁଥିଲେ। ତାଙ୍କୁ ସହଯୋଗ କରୁଥିଲେ ଡିଏସ୍‌ପି କାର୍ତ୍ତିକ ମଲ୍ଲିକ, ଡିଏସ୍‌ପି ପରେଶ ମହାନ୍ତି, ଟାଉନ୍ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଇନ୍‌ସପେକ୍ଟର ମନୋରଞ୍ଜନ ଚୌଧୁରୀ, ଇନ୍‌ସପେକ୍ଟର ସଲିଲ ପ୍ରଧାନ, ଯୁବ ସବଇନିସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସୌମ୍ୟରଞ୍ଜନ ଜାଳିଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ। ରଥ ଉପରକୁ ଛୋଟ ଛୋଟ ପିଲାମାନଙ୍କୁ ଉଠାଇବାକୁ ସେବାୟତମାନଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ରଥ ଉପରକୁ ଛୋଟ ପିଲାମାନଙ୍କୁ ଉଠାଇ ଶ୍ରୀଜୀଉଙ୍କ ଦର୍ଶନ କରାଇବା ପାଇଁ ସେବାୟତମାନେ ଭକ୍ତମାନଙ୍କଠାରୁ

# ଓଡ଼ିଆର ଚିନ୍ତାଶକ୍ତି ସୀମିତ କାହିଁକି ?

**ଶରତ କୁମାର ରାଉତ**

କିଛିବର୍ଷ ତଳୁ ଆମ ରାଜ୍ୟରେ ପିଆଜ, ଆଳୁ, ଟମାଟୋ ସମେତ ସବୁ ପନିପରିବା, ଫଳ, ମାଛ, ମାଂସ, ଅଣ୍ଡା ଆଦିର ମୂଲ୍ୟ ଅହେତୁକ ବୃଦ୍ଧି ଯୋଗୁ ସାଧାରଣରେ ଭାଳେଣୀ ପଡ଼ିଛି। ଏହାର କାରଣ ଯାହାହେଉନା କାହିଁକି, ଆମେ ଏତିକି ନିଶ୍ଚୟ କହିପାରିବା ଯେ, ଓଡ଼ିଆଙ୍କ ଭାଗ୍ୟରେ ପଚା ପରିବା, ପଚାଫଳ, ପଚାମାଛ, ପଚାଅଣ୍ଡା ଛଡ଼ା ସଜ ଜିନିଷ ଖାଇବାର ଯୋଗ ନାହିଁ। ପ୍ରତିଦିନ ସକାଳେ ସୁଦୂର ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟରୁ ବରଫଦିଆ ମାଛ, ପନିପରିବା ଓ ଫଳ ବୋଝେଇ ଶହଶହ ଟ୍ରକ୍ ରାଜ୍ୟର ବିଭିନ୍ନ ସହରକୁ ଆସୁଛି। ଦିନେ ପନିପରିବା ସୁଅରେ ଭାସୁଥିଲା ଓଡ଼ିଶା। କୃଷକ ପରିବାର ନିଜ ବାଡ଼ି ଓ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲା। ବର୍ଷସାରା ନିଜ ଉତ୍ପାଦିତ ଆଳୁ, ପିଆଜ, ରସୁଣ, ବିରି, ମୁଗ,



ଅଦା, କଖାରୁ, ଶାଗ, ଭେଣ୍ଡି, ବାଇଗଣ, ଟମାଟୋ, ଜହ୍ନି, ଲାଉ, କାକୁଡ଼ି, ପୋଇ, ଲଙ୍କା, ନଡ଼ିଆ, କଦଳୀ ଆଦି ନିଜେ ଖାଇ ବଳକା ପଡ଼ୋଶୀଙ୍କୁ ବାଣ୍ଟୁଥିଲା ଓ ପାଖ ହାଟ ବଜାରରେ ବିକ୍ରି କରୁଥିଲା। ସେହିପରି ପ୍ରତି ପରିବାର ନିଜ ପୋଖରୀରୁ ମାଛ ଉତ୍ପାଦନ କରି ମନଖୁସିରେ ଖାଉଥିଲା ଓ ପଡ଼ୋଶୀମାନଙ୍କୁ ବାଂଟୁଥିଲା। କିନ୍ତୁ ଆଜି ସବୁ ପରିବର୍ତ୍ତନ। ଚାଷୀ ସଂଖ୍ୟା ଢେର୍ କମିଯାଇଛି। ଚାଷ ପ୍ରତି ଆଉ କାହାରି ଆନ୍ତରିକତା ନାହିଁ। ନିଜ ବୃତ୍ତି ଉପରେ ଭରସା ହରାଇବା ପରେ ଅଧିକ ରୋଜଗାର ଆଶାରେ ଅଧିକାଂଶ ଚାଷୀ ନିଜ ଚାଷଜମି ପଡ଼ିଆ ପକାଇ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି କିମ୍ବା ଅନ୍ୟ ବୃତ୍ତିରେ ପ୍ରବେଶ କରିଛନ୍ତି। ଗାଁରେ ଆଉ ଆଗ ଭଳି ଚାଷବାସ ନାହିଁ। ପରିବା ଚାଷ ଆଦୌ ନାହିଁ। ଗାଁର ପୋଖରୀ ସବୁ ପୋତି ହୋଇ ଗଲାଣି ବା ଦଳଭର୍ତ୍ତି ହୋଇ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ବାହାରେ ଭଲ ରୋଜଗାର ହେଉଥିବାରୁ ଲୋକମାନେ ଗାଁ ମାଟି ମାଡୁନାହାଁନ୍ତି। କେବେ ଥରେ ଅଧେ ଆସି ଘର ପରିବାର କଥା ବୁଝି ଚାଲି ଯାଉଛନ୍ତି। ସହଜେ ସରକାରଙ୍କ ପାଖରୁ ଟଙ୍କାଟାରେ ଚାଉଳ, ୫ଟଙ୍କାରେ ଖାଇବାକୁ ଓ ଆଉ କିଛି ଜିନିଷ ମାଗଣାରେ ମିଳୁଛି। ସେମାନେ ଆଉ ଚିନ୍ତା କରିବେ କାହିଁକି ?

ବାସ୍ତବତା ହେଲା, ସରକାର ଚାଷୀମାନଙ୍କ ପାଇଁ ସେମିତି କିଛି ଚିନ୍ତା କରିନାହାଁନ୍ତି କି ସେମାନଙ୍କ ଭଲ-ମନ୍ଦରେ ପାଖରେ ଛିଡ଼ା ହୋଇ ନାହାଁନ୍ତି। ମାଛଚାଷୀ ହୁଅନ୍ତୁ କି ଫଳ-ପରିବା, ମୁଗ, ବିରି ଚାଷୀ, ଆମ ସରକାର ସେମାନଙ୍କୁ ଆଖିଦୃଶିଆ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି କି ? ବିଭିନ୍ନ ଚାଷର ଉନ୍ନତି ପାଇଁ କିଛି ସ୍ୱତନ୍ତ୍ର ନୀତି ଅଛି କି ? ଯେଉଁମାନେ କୃଷି ଉତ୍ପାଦନରେ ନିୟୋଜିତ ଥିଲେ, ସରକାର ସେମାନଙ୍କ ଉନ୍ନତି ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କରି ନଥିବାରୁ ହିଁ ସେମାନେ ନିଜ ପେଷା ଛାଡ଼ି ବାହାରେ ଭଲ



ରୋଜଗାରରେ ଅଛନ୍ତି। ଆଜି ଅବସ୍ଥା ଏପରି ହୋଇଛି ଯେ, ସାମାନ୍ୟ ପିଆଜ, ଆଳୁ ଆଦି ପରିବାପତ୍ର ପାଇଁ ଲୋକେ କାନ୍ଦୁଛନ୍ତି। ଗରିବ ପରିବାରର ଲୋକମାନେ ପଖାଳରେ ପିଆଜ ଓ ଲଙ୍କା ଲଗେଇ ଖାଇନିଅନ୍ତି। ହେଲେ ଏସବୁ ଆଜି ସେମାନଙ୍କ ପାଇଁ ସାତ ସପନ। ଗାଁର ବୁଢ଼ା ଲୋକେ କହୁଛନ୍ତି, ଏଭଳି ଦିନ ଆସିବ ବୋଲି ଆମେ ଆମର ପିଲାଦିନେ ଭାବି ନଥିଲୁ। ମାଛର ପେଣ୍ଠ ବୋଲି କୁହାଯାଉଥିବା ବାଲୁଗାଁ, ରମ୍ଭା, କାଳୁପଡ଼ା ଘାଟ, ତନ୍ତିଆପାଳ, ଜଗରିଜୋର, ଜମ୍ବୁ, ଖରିନାଶି, ବାବର, ପାରାଦୀପ ଭଳି ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳର ମାଛ ବଜାରରେ ମଧ୍ୟ ଆନ୍ଧ୍ର ମାଛ ବିକ୍ରି ହେଉଛି। ଏହି ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ଚକିତ କରୁଛି। ନିଜ ବାଡ଼ିରେ ଯେଉଁ ଜିନିଷ ମିଳୁଥିଲା, ସେସବୁ ଆଜି ଲୋକେ ଦେଖିବାକୁ ପାଉନାହାଁନ୍ତି। ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ ?

୧୯୫୨ରେ ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ଯୋଜନା ସାରା ଭାରତରେ କାର୍ଯ୍ୟକାରୀ ହୋଇଥିଲା। ଗାଁଗହଳରେ ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଓ ଫଳ ଚାଷ ପାଇଁ ବ୍ଲକ୍ କାର୍ଯ୍ୟାଳୟମାନଙ୍କରେ ସଂପ୍ରସାରଣ ଅଧିକାରୀ ମାନେ ନିଯୁକ୍ତି ପାଇଲେ। ସରକାର ମଧ୍ୟ ପ୍ରୋତ୍ସାହନ ପାଇଁ ସବ୍‌ସିଡ଼ି ଦେଲେ। ମାତ୍ର ଆମ ରାଜ୍ୟର ହାକିମ ଓ ଲୋକମାନେ ଭାବିଲେ, ଏତେ କଷ୍ଟ କରିବା ଅପେକ୍ଷା କାଗଜପତ୍ରରେ କାମ ଦେଖାଇ ସବ୍‌ସିଡ଼ି ଚଳୁ କରିଦେବା ବରଂ ଭଲ ହେବ! ସେହି ଅନୁସାରେ ମିଛ ପୋଖରୀ, ମିଛ ମାଛ ଓ କାଗଜପତ୍ରରେ କୁକୁଡ଼ା ଫାର୍ମ ହେଲା, ଗଛ ନଥାଇ ଆମ୍ବ ବଗିଚା ହେଲା, କ୍ଷୀର ଉତ୍ପାଦନ ମଧ୍ୟ କାଗଜପତ୍ରରେ ଦେଖାଇ ଦିଆଗଲା ଇତ୍ୟାଦି। ପ୍ରୋତ୍ସାହନ ଅର୍ଥକୁ ନେତା, ଅଧିକାରୀ ଓ ହିତାଧିକାରୀ ବାଂଟି ଖାଇଲେ। ଏହି ପରମ୍ପରା ଏବେ ମଧ୍ୟ ଆମ ରାଜ୍ୟରେ ଜାରି ରହିଛି। ମାତ୍ର ଆନ୍ଧ୍ର ପ୍ରଦେଶ ଭଳି ଅନ୍ୟାନ୍ୟ କେତେକ ରାଜ୍ୟରେ ଘଟଣା ଅନ୍ୟ ଦିଗରେ ଗତି କଲା। ସୁଯୋଗକୁ ହାତଛଡ଼ା ନକରି ସେମାନେ ନିଜ ରାଜ୍ୟରେ ସତ ମାଛ ପୋଖରୀ, ଆମ୍ବ ବଗିଚା, କଦଳୀ ବଗିଚା, କୁକୁଡ଼ା ଓ ଗାଈ ଫାର୍ମ ଆଦି ସୃଷ୍ଟି କଲେ। ସଠିକ୍ ଭାବେ ଉତ୍ପାଦନ ମଧ୍ୟ ହେଲା। ବଜାର ପାଇଁ ଓଡ଼ିଶା ଭଳି ଏକ ଅକର୍ମା ରାଜ୍ୟ ମିଳିଗଲା। ସେଥିପାଇଁ ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ଆମ ରାଜ୍ୟ ଆଜି ପିଆଜ, ଆଳୁ, ଡ଼ାଲି, ମାଛ, ଅଣ୍ଡା, କାଗଜିଲେମ୍ବୁ, କଦଳୀ, ଆମ୍ବ ଆଦି ଫଳ ପାଇଁ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। ସେଠାକାର ସରକାର, ନେତା ଓ ଅଧିକାରୀମାନଙ୍କ ଆନ୍ତରିକତା ଓ ରାଜ୍ୟର ବିକାଶ ପାଇଁ ଦୃଢ଼ ମାନସିକତା ହିଁ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟର ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କିନ୍ତୁ ଆମ ରାଜ୍ୟର ଦୁର୍ନୀତିଗ୍ରସ୍ତ ନେତା ଓ ଅପାରଗ ଅଧିକାରୀମାନଙ୍କ ଯୋଗୁ ଓଡ଼ିଶାର ଏହି ଅବସ୍ଥା! କିଏ ଏଥିପାଇଁ ଦାୟୀ ?...

ଆମ ରାଜ୍ୟରେ ଏସବୁ ଚାଷର ଉନ୍ନତି ପାଇଁ ଆମ ସରକାର ଏବେ ବି ପଦକ୍ଷେପ ନେଉଛନ୍ତି ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ହେଲେ ସେସବୁ କେବଳ ଖାତାପତ୍ରରେ ସୀମିତ ରହି ଯୋଜନା ସଫଳ ବୋଲି ଦର୍ଶାଯାଉଛି। ଖାଲି ମିଛ... ମିଛ... ତାହା ମିଛ ! ଅତୀତରେ ଓଡ଼ିଆମାନେ ସାଧୁ, ନମ୍ର, ସରଳ ଓ ଅତିଥିପରାୟଣ ଥିଲେ। ବିଭିନ୍ନ ଧର୍ମଗ୍ରନ୍ଥରୁ ନିଜ ଜୀବନର ଦିଗ୍‌ଦର୍ଶନ ପାଉଥିଲେ। ଅନ୍ୟର ଅର୍ଥକୁ ଆତ୍ମସାତ୍ କରିବା ପାପ ବୋଲି ମନେକରୁଥିଲେ। କାହାକୁ ଜାଣିଶୁଣି ହଇରାଣ



କରିବା ବା କାହାକୁ ଆର୍ଥିକ ଶୋଷଣ କରିବା ନର୍କଗାମୀ ବୋଲି ଭାବୁଥିଲେ। ଅନ୍ୟର ଦୟା ଓ ଭିକ୍ଷା ଉପରେ ଏମାନେ ନିର୍ଭର କରୁ ନ ଥିଲେ। କିନ୍ତୁ ଆଜି ଛୋଟରୁ ବଡ଼ ସମସ୍ତଙ୍କ ମୁଣ୍ଡରେ ବହୁ ଧନ-ସଂପତ୍ତିର ଅଧିକାରୀ ହେବା ମତଲବ୍ ଭରି ରହିଛି। ବହୁ ଅଧିକ ପାଠ ପଢିଥିବା ବଡ଼ ଅଫିସର୍ ବି ସବୁଠୁ ବଡ଼ ଠକ ଓ ଦୁର୍ନୀତିଗ୍ରସ୍ତ ପାଲଟି ଯାଇଛନ୍ତି। କେହି କାହାଠୁ ଊଣା ନୁହଁନ୍ତି। କୌଣସିପ୍ରକାରେ ଲୋକଙ୍କୁ ହଇରାଣ କରି ବା ବଦ୍‌ନାମ କରି ଶୋଷଣ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି। ରାଜ୍ୟର ପ୍ରାୟ ଅଧିକାଂଶ ସରକାରୀ ଅଫିସ୍‌ରେ ମଧ୍ୟ ଏଇ ଅବସ୍ଥା !

ଅତୀତରେ ଓଡ଼ିଆ ଏପରି ନଥିଲା। ଏବେ ଓଡ଼ିଆ ଜାତି ଚରିତ୍ରର ପରିବର୍ତ୍ତନ ହୋଇଯାଇଛି। କ୍ରମେ ନୈତିକତାର ସମସ୍ତ ମାପଦଣ୍ଡ ସମସ୍ତେ ଭୁଲି ଚାଲିଛନ୍ତି। ରାଜ୍ୟରେ ଠକାମୀ ଓ ଆତ୍ମସାତ୍ ନୀତି ବୃଦ୍ଧି ପାଉଛି। ଅନ୍ୟକୁ ହଇରାଣ କରିବା ସମସ୍ତଙ୍କର ସ୍ୱଭାବ ହୋଇଗଲାଣି। ଅନ୍ୟର ଟଙ୍କାରେ ଅୟସ କରିବା ଏକ ପରମ୍ପରାରେ ପରିଣତ ହେଲାଣି। ରାଜନୈତିକ ଶୂନ୍ୟତା ଏହାକୁ ପ୍ରୋତ୍ସାହନ ଦେଉଛି। ସବୁଦିନ ଠକେଇ ଓ କେଳେଙ୍କାରୀର ପର୍ଦ୍ଦାଫାସ୍ ହେଉଛି। ବିଭିନ୍ନ ଉନ୍ନୟନ ଯୋଜନାରେ ଦୁର୍ନୀତି, ଚିଟ୍‌ଫଣ୍ଡ୍, ଜମି, ଘର, ବଂଟନ ସାମଗ୍ରୀ ବାଟମାରଣା ଆଦିରେ ରାଜ୍ୟ ଭରିଗଲାଣି। ଅଧିକାଂଶ ମନ୍ତ୍ରୀ, ନେତା, ଅଫିସର, କର୍ମଚାରୀ, ଠିକାଦାର, ତଥାକଥିତ ସମାଜସେବୀ ଆୟ ବର୍ହିଭୂତ ଧନ ଠୁଳ କରିଛନ୍ତି। ସମାଜକୁ ବାନ୍ଧି ରଖିଥିବା ବିଶ୍ୱାସର ବନ୍ଧନ ଆଜି ତୁଟି ଖଣ୍ଡଖଣ୍ଡ ହୋଇଗଲାଣି। ଆଉ କେହି କାହାକୁ ବିଶ୍ୱାସ କରୁନାହାଁନ୍ତି। ସାମାଜିକ ପ୍ରତିବଦ୍ଧତା ଉଭେଇ ଯାଇଛି। "ପ୍ରାଣ ଯାଉ ବଚନ ରହୁ" ଯୁଗର ଅନ୍ତ ଘଟିଛି। କାହାଠାରେ ସାଧୁତା ଦେଖାଯାଉନାହିଁ। ସମସ୍ତେ ନିଜ ସ୍ୱାର୍ଥ ପାଇଁ ଆଖିବୁଜି ଯାହା ବି କରିପାରୁଛନ୍ତି। ଗରିବ ଓ ଅସହାୟମାନଙ୍କ କଥା ଚିନ୍ତା କରିବାକୁ ସମୟ ନାହିଁ କି ହୃଦୟ ନାହିଁ। ସ୍ୱାଧୀନତା ପରଠାରୁ ସରକାରରେ ରହିଥିବା କୌଣସି ରାଜନୈତିକ ଦଳ ଏଥିପ୍ରତି ଦୃଷ୍ଟି ଦେଇନାହାଁନ୍ତି। ତେବେ ରାଜ୍ୟର ବିକାଶ ଓ ତୃଣମୂଳ ସ୍ତରରେ ଲୋକମାନଙ୍କର ଆର୍ଥିକ ଉନ୍ନତି ହେବ କିପରି ? ଏ ସଂପର୍କରେ ମଧ୍ୟ କେହି ଭାବୁନାହାନ୍ତି। ଆଉ ରାଜ୍ୟର ଅବସ୍ଥା ଯାହା ହେବା କଥା ତାହା ହେଉଛି। ପଚାମାଛ, ଫଳ ଓ ପରିବା ଚଢ଼ା ଦରରେ କିଣି ଖାଇବା କିମ୍ବା କିଣି ନପାରି କେବଳ ଟଙ୍କାକିଆ ଚାଉଳର ଭାତ ଖାଇ ଦିନ ବିତାଇବା ଆମ କପାଳଲିଖନ! ଏଭଳି କେତେଦିନ ଚାଲିବ ? ସତରେ କ'ଣ ଓଡ଼ିଶାର ନେତା ଓ ଅଧିକାରୀ ମାନଙ୍କର ଚିନ୍ତାଶକ୍ତି ସୀମିତ ? ଏହାକୁ ଓଡ଼ିଆଙ୍କର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ ?...

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮*

## ଭାରିଯାନ ଚଳାଚଳ ଦ୍ୱାରା ରାସ୍ତା ନଷ୍ଟ ହେଉଛି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହରର କାକଟ ଲକରୁ ଦାନପୁର ପର୍ଯ୍ୟନ୍ତ ଗୋବରୀ କେନାଲ ବନ୍ଧ ରାସ୍ତା ଏବେ ଭାରିଯାନ ଚଳାଚଳ ଯୋଗୁଁ ଗମନାଗମନ ପାଇଁ ନଷ୍ଟ ହୋଇପଡିଥିବା ଦେଖାଯାଇଛି। ଏତଦବ୍ୟତିତ ବେପରୁଆ ଭାବେ ଅତ୍ୟଧିକ ମାଲ ବୋଝେଇ ଭାରିଯାନଗୁଡିକ ସେହି ରାସ୍ତାରେ ଚଳାଚଳ କରିବା ଦ୍ୱାରା ବହୁ ସମୟରେ ଧନଜୀବନ ହାନି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ସେହି ରାସ୍ତାରେ ଭାରିଯାନ ଚଳାଚଳ ନିଷେଧ ଥିବା ବେଳେ ଏହାକୁ ମାନି ଭାରିଯାନଗୁଡିକ ଅତ୍ୟଧିକ ମାଲ ଡାଲାରେ ଲୋଡକରି ସେହି ରାସ୍ତାରେ ଚଳାଚଳ କରୁଛି। ଫଳରେ ସେହି ରାସ୍ତାଟିର କେତେକ ସ୍ଥାନ ଦବିଯାଇ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ସେହି ରାସ୍ତା ଦେଇ ଦୁଇଚକିଆ ଯାନ ଓ ଚାରିଚକିଆ ଯାନ ଯିବା ଆସିବା କରିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଣ ଯେଉଁ ସ୍ଥାନରେ ରାସ୍ତା ଦବିଯାଇଛି ସେହି ସ୍ଥାନରେ ଚକା ପଡି ଗାଡି ନିୟନ୍ତ୍ରଣ ହରାଉଛି। ଏଥିପାଇଁ ପ୍ରତିଦିନ ଏହି ସ୍ଥାନଗୁଡିକରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ଆସନ୍ତା ବର୍ଷା ଋତୁରେ ସେହି ରାସ୍ତା ଦେଇ ଚଳାଚଳ କରିବା ବହୁ ସମସ୍ୟା ସୃଷ୍ଟି କରିବ। ଏହି ରାସ୍ତା ଦେଇ ଦୈନିକ ବିଭିନ୍ନ ଗ୍ରାମକୁ ଯିବା ଆସିବା କରୁଥିବା ହଜାର ହଜାର ଲୋକ ଏହି ଗାତରେ ପଡି ଖଣ୍ଡିଆଖାବରା ହେବେ। କାରଣ ବର୍ଷା ହେବା ପରେ ଏହା କାଦୁଅ ହୋଇଯିବ। ଫଳରେ ଚାରି ଚକିଆ ଓ ଦୁଇ ଚକିଆ ଗାଡିର ଚକା ଏହି ଗାତରେ ଫସିଯିବାର ଅଧିକ ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବର୍ଷାଦିନ ପୂର୍ବରୁ ଏହି ରାସ୍ତାର ମରାମତି କରାଯିବାକୁ ସାଧାରଣରେ ଦାବି କରାଯାଇଛି। ଏଥିସହ ସେହି ରାସ୍ତାରେ ଭାରିଯାନ ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାକୁ ଦାବି ହୋଇଛି। ଯେଉଁ ଭାରିଯାନଗୁଡିକ ସେହି ରାସ୍ତାରେ ମାତ୍ରାଧିକ ମାଲ ପରିବହନ କରୁଛନ୍ତି ଓ ବେପରୁଆ ଭାବେ ଗାଡି ଚଳାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ସେହିପରି ରାସ୍ତାଟି ଏବେଠାରୁ ମରଣଯନ୍ତା ପାଲଟିଲାଣି। ବର୍ଷାଦିନେ ଏହାର ଅବସ୍ଥା କ'ଣ ହେବ ତାହା କହିହେବ ନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରାଯିବାକୁ ଦାବି ହୋଇଛି। ନଚେତ ସେହି ରାସ୍ତାରେ ଭବିଷ୍ୟତରେ ଲୋକେ ମୃତାହତ ହେବା ଘଟଣାକୁ ଏଡାଇ ଦିଆଯାଇନପାରେ।

## ସମସ୍ତଙ୍କୁ ଶିକ୍ଷା ପାଇଁ 'ଶିକ୍ଷାରଥ'ର ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): କରୋନାର ଦୁଇ ବର୍ଷ ପରେ ପ୍ରଭୁ ଜଗନ୍ନାଥ ଦର୍ଶନ ଦେବେ ରଥରେ। ବଡ଼ଦେଉଳ ଛାଡ଼ି ଆସିବେ ଭାଇ ଓ ଭଉଣୀଙ୍କ ସହ ବଡ଼ଦାଣ୍ଡକୁ। କୋଟିକୋଟି ଓଡ଼ିଆଙ୍କ ପ୍ରତୀକ୍ଷାର ଅନ୍ତ ଘଟିବ। ଠିକ୍ ଏହାର ଦିନକ ପୂର୍ବରୁ ବ୍ରେନସ୍ ଏଜୁକେସନାଲ୍ ଟ୍ରଷ୍ଟ ତରଫରୁ ଭୁବନେଶ୍ୱରସ୍ଥିତ ରାମମନ୍ଦିର ସାମ୍ନାରେ ଶିକ୍ଷାରଥର ଶୁଭାରମ୍ଭ କରାଯାଇଛି। ଗତ ଦୁଇ ବର୍ଷରେ କରୋନା ଯୋଗୁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଶିକ୍ଷା ବ୍ୟବସ୍ଥା। ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷାକରି ପୂର୍ବବର୍ଷ ଭଳି ମାଗଣା ଶିକ୍ଷା ଦେଇ ଆସୁଥିବା ବ୍ରେନସ୍ ଏଜୁକେସନାଲ୍ ଟ୍ରଷ୍ଟ



ଭୁବନେଶ୍ୱରଠାରୁ ପୂରା ଭାରତବର୍ଷରେ ଶିକ୍ଷାଲାଭ ପାଇଁ ସ୍ୱଦେଶୀ କୌଶଳରେ ନେଇ ଆସିଛି Odisha Online Education App. (OOE App.)। ଏହି ଆପ୍ ଶିକ୍ଷାକ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ ବୋଲି ଆଶା ରଖିଛନ୍ତି ବ୍ରେନସ୍ ଏଜୁକେସନାଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ଅଶ୍ୱିନୀ ପାଢ଼ି ଓ ବିନ୍ଦୁଜା ଉପାଧ୍ୟାୟ। ଏହି ଆପ୍‌ଟି ଗୁଗୁଲ୍ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ବୋଲି ସମ୍ପୃକ୍ତ ଶିକ୍ଷା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୀର ମହମ୍ମଦ ଅଲ୍ଲୀ, ସ୍ୱାତିକ୍, ଶୁଭଜିତ୍, ଅରିଜିତ୍, ଜୟପ୍ରକାଶ, ମମତା ପାତ୍ର, ଅର୍ପିତା ସିଂ ଉପସ୍ଥିତ ଥିଲେ।

## ମା' ମଙ୍ଗଳା ବସ୍ତିରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରରୁ ଡେଙ୍ଗୁ ନିପାତ କରିବା ପାଇଁ ବିଏମସି କମିଶନର ସପ୍ତାହକୁ ଦୁଇଦିନ ରବିବାର ଓ ଗୁରୁବାର ଡ୍ରାଇ ଡେ ଘୋଷଣା କରିଛନ୍ତି। ଏହିଦିନ ପ୍ରତ୍ୟେକ ଓାର୍ଡରେ କର୍ପୋରେଟର, ବିଏମସି ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ସମାଜସେବୀ ଓ ଅନ୍ୟ ସମସ୍ତେ ମିଶି ଡେଙ୍ଗୁ ମଶା ସୃଷ୍ଟି ହେଉଥିବା ସ୍ଥାନ ସଫା କରିବା ପାଇଁ ନିଷ୍ପତି ହୋଇଛି। ଏହି କ୍ରମରେ ଗତକାଲି ଡ୍ରାଇ ଡେର ତୃତୀୟ ଦିନରେ ୧୪ ନମ୍ବର ଓାର୍ଡର କର୍ପୋରେଟର ମୋନାଲିସା ସାହୁଙ୍କ ନେତୃତ୍ୱରେ ମା' ମଙ୍ଗଳା ବସ୍ତିରେ ଡେଙ୍ଗୁ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ଯୋଗଦେଇ କହିଥିଲେ ଡେଙ୍ଗୁ ମଶା ସ୍ୱଚ୍ଛ ପାଣିରେ ଜନ୍ମ ନେଇଥାଏ ଏବଂ ଦିନରେ କାମୁଡେ। ତେଣୁ ଘରର ଚାରିପାଖ ସଫାସୁତୁରା ରଖିବାକୁ ପଡିବ, ବିଭିନ୍ନ ଭଙ୍ଗା ପାତ୍ର, ଟାୟାର, ପଇଡ ଖୋଳ ଓ ଖାଲୁଆ ସ୍ଥାନରେ ପାଣି ଜମି ରହିଲେ ଡେଙ୍ଗୁ ମଶା ସୃଷ୍ଟି ହୁଅନ୍ତି। ଏଥିପାଇଁ ଆମକୁ ସତର୍କ ଓ ସଚେତନ ରହିବାକୁ ପଡିବ। ସମସ୍ତେ ଯଦି ମିଳିମିଶି କାମ କରିବା ସହିତ ଲାର୍ଭା ନଷ୍ଟ କରିଦେବା ତାହାହେଲେ ଡେଙ୍ଗୁ ରହିବ ନାହିଁ। ଏହାପରେ ସାହିର ଗଳିକନ୍ଦି ବୁଲି ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଉତ୍ତର ଜୋନ ଡେପୁଟି କମିଶନର ପୁରନ୍ଦର ନନ୍ଦ, ସିଇଓ ଦେବସ୍ୱିନୀ ପଟ୍ଟନାୟକ, ଓାର୍ଡ ଅଧିକାରୀ ସୁଜିତ ସ୍ୱାଇଁ, ଏମ ଆଇ ଜଗମୋହନ ମହାପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ମନୋଜ କୁମାର ସାହୁ, ବସ୍ତିର ମୁଖ୍ୟ ପ୍ରଭାତ କୁମାର ସେଠୀ, ସ୍ୱାସ୍ଥ୍ୟକର୍ମୀ, ସମାଜସେବୀ, ଏସଏଚଜି ମହିଳା ଓ ବସ୍ତିର ସମସ୍ତ ବାସିନ୍ଦା ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦହିପଣା ବଂଟନ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ବରୁଣେଇ ମନ୍ଦିର ପରିସରରେ ଚାଲିଥିବା ରଜ ମହୋତ୍ସବ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୋର୍ସ ହୋପ ଫାଉଣ୍ଡେସନ ପକ୍ଷରୁ ଦହିପଣା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ରଜ ମହୋତ୍ସବ କାର୍ଯ୍ୟକ୍ରମରେ ବରୁଣେଇ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଦହିପଣା ଓ ଲେମ୍ବୁ ମିଶ୍ରି ପଣା ବଂଟନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ରୀନାରାଣୀ ନାୟକ, ସଦସ୍ୟ ସନ୍ତୋଷ ନାୟକ, ରଂଜନ ନାୟକ, ବିକାଶ ନାୟକ, ଗୋପାଳ ଭଂଜ, ବସନ୍ତ ନାୟକ, ଚିର ଅନୁଭବ, କାଳୁ ବେହେରା ଓ ନାଲୁ ବେହେରା ପ୍ରମୁଖ ଉପସ୍ଥିତ ରହି ବଂଟନରେ ସହଯୋଗ କରିଥିଲେ।

## କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ବାଚନ: ବ୍ୟାଙ୍କ ପ୍ରତିଷ୍ଠାତାଙ୍କ ପୁଅ ହେବେ ସଭାପତି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଲିଥିବା ସମବାୟ ନିର୍ବାଚନ ମଧ୍ୟରେ ସବୁଠୁ ଚର୍ଚ୍ଚାରେ ଥିଲା କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ନିର୍ବାଚନ। କାରଣ ଏହି ବ୍ୟାଙ୍କ ଅଧିନରେ ଥିବା ୧୫ଟି ଜୋନ ମଧ୍ୟରୁ ୧୨ଟି ଜୋନରେ ନିର୍ଦ୍ୱନ୍ଦ୍ୱରେ ୧୨ଜଣ ନିର୍ଦ୍ଦେଶକ ବିଜୟୀ ହୋଇସାରିଥିଲେ। କେନ୍ଦ୍ରାପଡ଼ା ପୌରପାଳିକା ଅଧିନରେ ଥିବା ୮ ନମ୍ବର ଜୋନରେ ଅର୍ବାନ ବ୍ୟାଙ୍କର ପ୍ରତିଷ୍ଠାତା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ସୁପୁତ୍ର ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଗୁରୁପ୍ରସାଦ ମହାନ୍ତି ଓ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ପ୍ରତିଦ୍ୱନ୍ଦ୍ୱିତା ଖୁବ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା। ଭୋଟରମାନେ ସକାଳ ୭ଟାରୁ ଏହି କେନ୍ଦ୍ରକୁ ଭୋଟ ଦେବାକୁ ଆସିଥିଲେ। ଭୋଟ ଗ୍ରହଣ ଶେଷ ହେବା ପରେ ଗଣତି ଆରମ୍ଭ ହୋଇଥିଲା। ଗୁରୁପ୍ରସାଦ ମହାନ୍ତି ୫୩୬ ଖଣ୍ଡ ଭୋଟ ପାଇ ନିର୍ଦ୍ଦେଶକ ଭାବେ ବିଜୟୀ ହୋଇଥିବା ବେଳେ ଅମ୍ବିକା ପ୍ରସାଦ ଦାସ ୨୫୩ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଥିଲେ। ପୂର୍ବରୁ ଯେଉଁ ୧୨ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ସେମାନେ ଗୁରୁପ୍ରସାଦ ମହାନ୍ତିଙ୍କ ପ୍ୟାନେଲର ଥିଲେ। ତେଣୁ ଗୁରୁପ୍ରସାଦ ମହାନ୍ତି ସଭାପତି ଭାବେ ନିର୍ବାଚିତ ହେବାପାଇଁ ପଥ ପରିଷ୍କାର ହୋଇଯାଇଛି। ଅମ୍ବିକା ଜିତିଥିଲେ ମଧ୍ୟ ସଭାପତି ହୋଇପାରି ନ ଥା'ନ୍ତେ। ସେ କେବଳ ନିର୍ଦ୍ଦେଶକ ହୋଇ ରହିଥା'ନ୍ତେ। ସେହିପରି ୫ ନମ୍ବର ଜୋନରେ ସୁକାନ୍ତ କୁମାର ଦ୍ୱିବେଦୀ ୩୬୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଏହି ଜୋନରେ ରଘୁନାଥ ଶତପଥି ୨୬୨ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ୩ ନମ୍ବର ଜୋନରେ ସଂଗ୍ରାମ କେଶରୀ ମଲ୍ଲିକ ୨୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସଚ୍ଚିଦାନନ୍ଦ ବେହେରା ୧୨୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଗୁରୁପ୍ରସାଦ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଅର୍ବାନ ବ୍ୟାଙ୍କ ପରିସରରେ ବହୁ ନେତାଙ୍କ ଭିଡ଼ ଜମିଥିଲା। ଶ୍ରୀ ମହାନ୍ତିଙ୍କ ନାମ ଘୋଷଣା ହେବାପରେ ସେ ବ୍ୟାଙ୍କ ପରିସରରେ ଥିବା ପୂର୍ବତନ ମନ୍ତ୍ରୀ ତଥା ତାଙ୍କ ପିତା ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ, ଫକୀର ଚରଣ ଖଟୁଆ, ଶରତ ବେହୁରା, ପୂର୍ବତନ ନଗରପାଳ ପ୍ରବୀର ମହାନ୍ତି, ମୀର ମୁର୍ଶିଦ, ଗୋପାଳକୃଷ୍ଣ ଜେନା, ନିର୍ଦ୍ଦେଶକ ବିଧୁଭୂଷଣ ମହାପାତ୍ର, ରଶ୍ମିରଞ୍ଜନ ଚୌଧୁରୀ, ମହେନ୍ଦ୍ର ପରିଡ଼ା, ଶୁଭ୍ରାଂଶୁ ଶେଖର ପ୍ରତାପ, ପ୍ରଫୁଲ୍ଲ ସାହୁ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, ସଂଗ୍ରାମ ମଲ୍ଲିକଙ୍କ ସମେତ କଂଗ୍ରେସ ନେତା ମୁକ୍ତାର ଖାଁ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗୁରୁପ୍ରସାଦ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୦୩

# ରଥ, ପଥ, ଜଗନ୍ନାଥ...






**ରଥଯାତ୍ରାରେ ମଠମାନଙ୍କ ସେବା:** ପବିତ୍ର ରଥଯାତ୍ରାରେ ଶ୍ରୀମନ୍ଦିର ସହିତ ସଂପର୍କ ଥିବା ମଠ ମାନଙ୍କ ମଧ୍ୟରୁ ଏମାର ମଠ ଯାତ୍ରାବେଳେ ଫୁଲ ଓ ଚନ୍ଦନ ଯୋଗାଇବା ସହିତ ପନ୍ତି ଭୋଗ, ଚାମର ଓ ଆଲଟ ସେବା କରିଥାନ୍ତି । ଗୁଣ୍ଡିଚାରେ ବାଇଶ ପାହାଚରେ ପନ୍ତି ଭୋଜନ ଦେଇଥାନ୍ତି ଶଙ୍କରାଚାର୍ଯ୍ୟ ମଠ । ରାଘବ ଦାସ ମଠ ଚାହିଁଆ ସର୍ବାଙ୍ଗ ନିମିତ୍ତ ପନ୍ତି ଭୋଗ, ପଣାଭୋଗ ଦେଇଥାନ୍ତି । ସାନଛତା ମଠ ଶ୍ରୀଜୀଉଙ୍କ ନିକଟରେ ଆଲଟ ଚାମର ସେବା କରିଥାନ୍ତି । ଓଡ଼ିଆ ମଠ ସର୍ବାଙ୍ଗ ନୀତି ପାଇଁ ଚନ୍ଦନ, ଫୁଲୁରି ତେଲ, ତ୍ରିମୁଣ୍ଡି ଚାନ୍ଦୁଆ, ରତ୍ନସିଂହାସନ ମାର୍ଜନା, ପନ୍ତି ଭୋଗ ଚାମର ଓ ଆଲଟ ସେବା କରିଥାନ୍ତି । ଏହା ବ୍ୟତୀତ ଛାଉଣି ମଠ ଶ୍ରୀଗୁଣ୍ଡିଚା ବିଜେ ସୋଲ ଚିତା ରଖିବା କାର୍ଯ୍ୟ ସହିତ ପନ୍ତି ଭୋଗ ଦେଇଥାନ୍ତି । ଜଗନ୍ନାଥ ବଲ୍ଲଭ ମଠ କରିଥାନ୍ତି ପନ୍ତି ଭୋଗ ଓ ମାଳଚୂଳ ଯୋଗାଇବା କାର୍ଯ୍ୟ । ରାଧାବଲ୍ଲଭ ମଠ ପନ୍ତି ଭୋଗ ଓ ଆଲଟ ଚାମର ସେବା ଯୋଗାଇଥାନ୍ତି । ରାଧାକାନ୍ତ ମଠ କୀର୍ତ୍ତନ ସେବା, ଜଟିଆ ବାବା ମଠ ପହଣ୍ଡି ଓ ନୀତି ପାଇଁ ବିଜେ ପାଟତୋଡି ଯୋଗାଣ, ପାପୁଡ଼ିଆ ମଠ ଚାମର ଆଲଟ ସେବା ଓ ପନ୍ତି ଭୋଗ, ରେବେସା ମଠ ଶ୍ରୀବିଗ୍ରହଙ୍କ ଉନ୍ମେଷରେ ପନ୍ତିଭୋଗ, ନାଗା ମଠ ଶ୍ରୀଅଙ୍ଗ ଚିତ୍ର ଓ ନୂଆ ଲୁଗାରେ ବେଶ, ସମାଧି ମଠ ଠାକୁରମାନଙ୍କୁ ପନ୍ତିଭୋଗ, ଝାଞ୍ଜପିଟା ମଠ କୀର୍ତ୍ତନ ସେବା ଓ ଗୁଣ୍ଡିଚା ମନ୍ଦିର ମାର୍ଜନା ସେବା ଏବଂ ଦଶାବତାର ମଠ ଅମୁଣିଆ ପନ୍ତି ଭୋଗ ସାମଗ୍ରୀର ସୁରକ୍ଷା ଓ ମଠର ପବିତ୍ର କୂପ ଜଳରେ ନୀତି ସଂପାଦନ କରିଥାନ୍ତି ।

**ତିନିରଥର ନାମକରଣ:** ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଆୟୁଧ ସୁଦର୍ଶନଙ୍କୁ ତିନି ରଥ ନେଇ ଯାଇଥାନ୍ତି ମହାପ୍ରଭୁଙ୍କ ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିର । ଏହି ରଥଗୁଡ଼ିକର ନାମ ମଧ୍ୟ ଭିନ୍ନ ଭିନ୍ନ । ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ରଥର ନାମ ଦେବ ଦଳନ ବା ଦର୍ପଦଳନ ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏହି ରଥଗୁଡ଼ିକର ନାମ ସଂପର୍କରେ ଭକ୍ତ ଅଧିକେ ସମସ୍ତେ ପରିଚିତ । ତଥାପି ରଥଗୁଡ଼ିକର ଏପରି ନାମକରଣ କାହିଁକି ହୋଇଛି ତାହା ଏବେ ବି ରହସ୍ୟମୟ । ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ ରହିବାର ତାତ୍ପର୍ଯ୍ୟ ସଂପର୍କରେ ଯାହା ଜଣାଯାଇଛି, ଦ୍ୱାପର ଯୁଗରେ ତାଳବନ ମଧ୍ୟରେ ଧେନୁକା ନାମକ ଦୁର୍ଦ୍ଦାନ୍ତ ରାକ୍ଷସକୁ ବିନାଶ କରିବା ପାଇଁ ଦେବତାମାନେ ବଳରାମଙ୍କୁ ସେଥିପାଇଁ ଆଗ୍ରହରେ ପ୍ରଦାନ କରିଥିଲେ, ସେହି ରଥର ଧ୍ୱଜାରେ ତାଳଚିହ୍ନ ଥିବାରୁ ରଥର ନାମ ତାଳଧ୍ୱଜ କରାଯାଇଥିଲା । ସେହିପରି ଦେବୀ ସୁଭଦ୍ରାଙ୍କ ରଥର ନାମକରଣ ସଂପର୍କରେ ଯାହା ଜଣାଯାଏ ସମସ୍ତ ପ୍ରକାର ଦର୍ପକୁ ଦେବୀ ଯୋଗମାୟା ସୁଭଦ୍ରା ଦଳନ କରିପାରୁଥିବାରୁ ତାଙ୍କ ରଥର ନାମ ଦର୍ପଦଳନ । ଜଗତରନାଥ ଜଗନ୍ନାଥ ରଥର ନାମ ନନ୍ଦିଘୋଷ ରହିବାର ତାତ୍ପର୍ଯ୍ୟ କହେ ବ୍ରହ୍ମାଙ୍କ ଆଦେଶାନୁସାରେ ନନ୍ଦିକେଶ୍ୱର ଦେବ ରଥର ଚକପାଖରେ ରହି ଘୋର ଗର୍ଜନ କରିବାରୁ ଦୈତ୍ୟବଳ ଛତ୍ରଭଙ୍ଗ ହୋଇଥିଲେ । ତେଣୁ ବ୍ରହ୍ମା ଏହି ରଥର ନାମ ନନ୍ଦିଘୋଷ ରଖିଥିଲେ ।

**କପିଳ ସଂହିତାରେ ରଥଯାତ୍ରା:** କପିଳ ସଂହିତାରେ ଏହାକୁ ଗୁଣ୍ଡିଚା ମହୋତ୍ସବ ନାମ ଦିଆଯାଇ ଗୁଣ୍ଡିଚା ମହାଯାତ୍ରା ବୋଲି ମଧ୍ୟ କୁହାଯାଇଛି । ରଥଯାତ୍ରାର ବର୍ଣ୍ଣନା ସହକାରେ ପ୍ରଭୁଙ୍କର କଥାର ଉପସ୍ଥାପନା ଏଥିରେ ସୁନ୍ଦର ଭାବେ କରାଯାଇଛି । ଯଥା, ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ପୁଷ୍ୟା ନକ୍ଷତ୍ରଯୁକ୍ତ ହେଲେ ସେହି ତିଥିରେ ରାମ (ବଳଭଦ୍ର)ଙ୍କୁ ଓ ମୋତେ ସୁଭଦ୍ରାଙ୍କ ସହ ରଥରେ ଅଧିଷ୍ଠିତ କରାଇ ଶ୍ରୀଗୁଣ୍ଡିଚା ମଣ୍ଡପକୁ ନେବ । ରଥଯାତ୍ରା ମହୋତ୍ସବ ଆରମ୍ଭ ନିମନ୍ତେ ସହ ବ୍ରାହ୍ମଣଙ୍କୁ ପ୍ରୀତ କରାଇ ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ସେହି ଗୁଣ୍ଡିଚା ମଣ୍ଡପକୁ ମୋତେ ନେବ । ସେହିପରି ରଥଯାତ୍ରା ସ୍ୱାତନ୍ତ୍ର୍ୟ ନେଇ ବିଭିନ୍ନ ଗ୍ରନ୍ଥରେ ଉପସ୍ଥାପନାମାନ ରହିଛି । ଏଥିରେ କୁହାଯାଇଛି ରଥଯାତ୍ରାର ତିନୋଟି ତିଥି ମଧ୍ୟରୁ ସର୍ବୋତ୍କୃଷ୍ଟ ତିଥିରେ ଜଗନ୍ନାଥଙ୍କ ରଥଯାତ୍ରା ହେଉଛି । ଅନ୍ୟ ଦୁଇଟି ତିଥିରେ ରଥଯାତ୍ରା କୋଣାର୍କ ଓ ଭୁବନେଶ୍ୱରଠାରେ ହେଉଛି । କୋଣାର୍କରେ ମାଘ ଶୁକ୍ଳ ପଞ୍ଚମୀ ସୂର୍ଯ୍ୟ ଦେବଙ୍କ ରଥଯାତ୍ରା ହେଉଥିଲା ବେଳେ ଚୈତ୍ର ଶୁକ୍ଳ ଅଷ୍ଟମୀ ଦିନ ଏକାମ୍ରଠାରେ ମହାପ୍ରଭୁ ଲିଙ୍ଗରାଜଙ୍କ ରଥଯାତ୍ରା ହୁଏ । ଏହାବ୍ୟତୀତ ବିରଜା କ୍ଷେତ୍ରରେ ଦଶହରାବେଳେ ଦେବୀଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

**ସ୍କନ୍ଦ ପୁରାଣରେ ରଥଯାତ୍ରା:** ସ୍କନ୍ଦ ପୁରାଣରେ ରଥ ବିହାରକୁ ମହାବେଦୀ ମହୋତ୍ସବ ବୋଲି କୁହାଯାଇଛି । ରଥରେ ଥିବା ସମୟରେ ଓ ରଥରେ ଯାତ୍ରା କରୁଥିବା କାଳରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ମହାପୂଣ୍ୟ ଲାଭ ହୋଇଥାଏ । ରଥଯାତ୍ରାଠାରୁ ଅଧିକ କଲ୍ୟାଣକର ଶାସ୍ତ୍ରସମ୍ମତ ଉତ୍ସବ ଆଉ କିଛି ନାହିଁ । ଏହାର ମାହାତ୍ମ୍ୟ ଅବର୍ଣ୍ଣନୀୟ ବୋଲି ସ୍ୱୀକାର କରାଯାଇଛି । ଏ ସମୟରେ ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବା, ତାଙ୍କ ରଥ ଛାୟାରେ ପାଦ ପକାଇବା, ରଥ ଦାଣ୍ଡର ଧୂଳି ଦେହରେ ବୋଳି ହେବା, ବର୍ଷା ଜଳରେ ରଥମାର୍ଗ କର୍ଦ୍ଦମାକ୍ତ ହେଲେ ତହିଁରେ ପ୍ରଣାମ କରି ସେହି ପଙ୍କ ଦେହରେ ଲଗାଇବା, ଏହିପରି ଭାବେ ରଥର ଅନୁଗମନ କରିବା, ବେଦ ମନ୍ତ୍ର, ପୌରାଣିକ ସ୍ତୁତି ଆଦି ପାଠ କରିବା, ଜୟଧ୍ୱନି କରିବା, ଶ୍ରୀଜଗନ୍ନାଥଙ୍କ ଲୀଳା କୀର୍ତ୍ତନ, ଭଜନାଦି ଗାନ ଓ ନୃତ୍ୟ କରିବା, ନାମସଂକୀର୍ତ୍ତନ, ଚାମର, ପୁଷ୍ପସ୍ତବକ, ପ୍ରଭୃତି ଦ୍ୱାରା ରଥ ଆଗରେ ଠିଆ ହୋଇ ବିଞ୍ଚିବା, ପୁଷ୍ପ ବୃଷ୍ଟି କରିବା, ସହସ୍ରନାମ ପାଠ ପୂର୍ବକ ରଥ ପରିକ୍ରମା ପ୍ରଭୃତି ପୂଣ୍ୟ କର୍ମ କରିବାକୁ ସ୍କନ୍ଦ ପୁରାଣରେ ବିଧାନ ରହିଛି ।

—ଉତ୍କଳାନନ୍ଦ ଅଜୟ କୁମାର ବେହେରା
'ବରେଣ୍ୟ ବାଣୀ', ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

E-mail: editorpbkc@gmail.com
9853400829 (M), Fax: 0674-2550504

# ରହସ୍ୟମୟ ଶ୍ରୀଜଗନ୍ନାଥ

••••••••••••ଡ. ପ୍ରତିଭା ମହାରଥୀ••••••••••••



ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ସମସ୍ତ ଲୀଳାଖେଳା ମାନବୀୟ । ସେହି ବୈଚିତ୍ର୍ୟମୟ ଠାକୁରଙ୍କର ଲୀଳାଭୂମି- ମର୍ତ୍ତ୍ୟବୈକୁଣ୍ଠ, ବିଜେସ୍ଥଳୀ- ଶ୍ରୀ ମନ୍ଦିର, ତାଙ୍କର ଆଦ୍ୟସେବକ, ଉତ୍କଳର ମଉଡ଼ମଣି ଗଜପତି ମହାରାଜା ବା ଠାକୁର ରାଜା । ସତ୍ୟଯୁଗରେ ସିଏ ଶ୍ରୀନୃସିଂହନାଥ, ତ୍ରେତୟାରେ ଶ୍ରୀରାମନାଥ, ଦ୍ୱାପରରେ ଶ୍ରୀଦ୍ୱାରିକାନାଥ (ଶ୍ରୀକୃଷ୍ଣ) ଓ କଳିଯୁଗରେ ନୀଳାଚଳନିବାସୀ ଦାରୁଦେବତା ଶ୍ରୀଜଗନ୍ନାଥ । ତାଙ୍କ ପାଇଁ ସମଗ୍ର ମାନବ ଜାତି ଗର୍ବିତ । ଏ ଦେଶ ଜଗନ୍ନାଥଦେଶ, ସଂସ୍କୃତି ଜଗନ୍ନାଥ ସଂସ୍କୃତି, ଧର୍ମ- ଜଗନ୍ନାଥ ଧର୍ମ ଏବଂ ପରମ୍ପରା-ଜଗନ୍ନାଥ ପରମ୍ପରା । ତାଙ୍କର ଅମୃତମୟ ଚେତନାରେ ବିଶ୍ୱର ସବୁ ଧର୍ମ, ଦର୍ଶନ ଓ ତତ୍ତ୍ୱର ଅଭୂତପୂର୍ବ ସମନ୍ୱୟ ଘଟିଛି । ସେ ବିଶ୍ୱକୁ ପ୍ରଦାନ କରୁଛନ୍ତି ଏକତାର, ମମତାର, ସମାନତାର, ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା । ସେ ହିଁ ସକଳ ସୁଖ, ଶାନ୍ତି, ପ୍ରେମ, ଆନନ୍ଦ, ପବିତ୍ରତା, ଜ୍ଞାନର ସାଗର, ସେ ହିଁ ସକଳ ଶକ୍ତି, ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ ଓ ଔଦାର୍ଯ୍ୟର ଆଧାର । ସେ ସହସ୍ର ଅଶ୍ୱମେଧ ଯଜ୍ଞରୁ ଉଦ୍ଭବ, ଯଜ୍ଞନାଥ ବା ଜଗନ୍ନାଥ । ସିଏ ହିଁ ମହାଜ୍ୟୋତି ସ୍ୱରୂପ, ଗଣର ନାଥ, ଜଗତର ନାଥ, ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା, ସୃଷ୍ଟି ନାଟକର ରଚୟିତା, ନିର୍ଦ୍ଦେଶକ, ସିଏ ହିଁ ଅଚ୍ୟୁତ, ଅକ୍ଷୟ, ଅବ୍ୟୟ, ଅନାଦି, ଅନନ୍ତ, ଅସୀମ । ସିଏ ହିଁ ସତ୍ୟ, ଶିବ, ସୁନ୍ଦର, କଲ୍ୟାଣକାରୀ, ସିଏ ହିଁ ନିତ୍ୟ, ନୂତନ, ସନାତନ । ସିଏ ହିଁ ପିତା, ମାତା, ବନ୍ଧୁ, ସଖା, ସୋଦର । ସିଏ ହିଁ ଜଡ଼ଠୁ ଚେତନ ଯାଏ, ମନୁଷ୍ୟଠୁ ପ୍ରାଣୀ ଯାଏ, କୀଟପତଙ୍ଗଠୁ ବୃକ୍ଷଲତା ଯାଏଁ ସବୁରି ସ୍ୱାମୀ, ହର୍ତ୍ତା, କର୍ତ୍ତା, ଦୈବ ବିଧାତା । ତାଙ୍କ ରହସ୍ୟକୁ କିଏ ବା ଭେଦ କରିପାରିବ ! ! ସେଥିପାଇଁ କୁହାଯାଏ– ***ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବାଃ ନ ଜାନାନ୍ତି କୁତଃ ମନୁଷ୍ୟ ! !*** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ରୀତି, ନୀତି, ଚଳଣି, ଯାନିଯାତ୍ରା, ବେଶଭୂଷଣ, ସେବାପୂଜା ଓ ପର୍ବପର୍ବାଣୀରେ ଭରିରହିଛି ଅପୂର୍ବ ମାନବୀୟ ଚେତନା । ପହିଲି ସକାଳର ଶଯ୍ୟାତ୍ୟାଗଠାରୁ ଗଭୀର ରାତ୍ରିରେ ରତ୍ନପଲଙ୍କରେ ପହୁଡ଼ ଯିବା ପର୍ଯ୍ୟନ୍ତ ଏବଂ ଜନ୍ମଠାରୁ ପୁନର୍ଜନ୍ମ ପର୍ଯ୍ୟନ୍ତ ମାନବର ଚାଲିଚଳଣି ଓ ଜୀବନଧାରା ସହିତ ସେ ଓତଃପ୍ରୋତଃ ଭାବେ ଜଡ଼ିତ । ସେହି ମହାପ୍ରଭୁ ସାଧାରଣ ମଣିଷଟିଏ ପରି ଗ୍ରୀଷ୍ମତାପ ସହ୍ୟ କରି ନପାରି ସ୍ନାନ କରନ୍ତି, ଜ୍ୟେଷ୍ଠ ପୂର୍ଣ୍ଣିମାରେ (ସ୍ନାନ ପୂର୍ଣ୍ଣିମାରେ) ଏବଂ ଅତ୍ୟଧିକ ସ୍ନାନ ହେତୁ ଜ୍ୱରରେ ପଡ଼ନ୍ତି । ଅଣସର ଘରେ ରହି ବଇଦବାପୁଡ଼ାର ଚେରମୂଳି ପ୍ରସ୍ତୁତ ମୋଦକ ଭକ୍ଷଣ କରନ୍ତି । ବଣ ଫଳମୂଳ ଭକ୍ଷଣ କରନ୍ତି । ସେହି ବିଚିତ୍ର ଠାକୁର କେତେବେଳେ ସାଧାରଣ ଭାବରେ ଅସାଧାରଣ ତ କେତେବେଳେ ଅସାଧାରଣ ଭାବରେ ସାଧାରଣ । ସେହି ମହାପ୍ରଭୁ ନିଜର ଲୀଳାଖେଳା ସାଙ୍ଗ କରି ପୁନଶ୍ଚ ନବକଳେବର ଧାରଣ ପୂର୍ବକ ମୃତ୍ୟୁକୁ ଭୟ କରୁଥିବା ମଣିଷକୁ ଅଭୟ ପ୍ରଦାନ କରନ୍ତି । ଆତ୍ମାର ଯେ ଘଟାନ୍ତର ହୁଏ ଏହି ମହାସତ୍ୟ ପ୍ରତିପାଦନ କରନ୍ତି ଲୀଳାମୟ ଶ୍ରୀପୁରୁଷୋତ୍ତମ । ତାଙ୍କର ଦ୍ୱାଦଶ ଯାତ୍ରା, ସପ୍ତବିଂଶ ଉପଯାତ୍ରା ଓ ଅସଂଖ୍ୟ ପର୍ବପର୍ବାଣୀ ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ଶ୍ରେଷ୍ଠ । ସ୍ନାନଯାତ୍ରା ଏହି ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ । ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣପିଣ୍ଡ । ସେ ଓଡ଼ିଆ ଜାତିର ନେତା, କର୍ତ୍ତା । ତାଙ୍କଠାରେ ମାନବତ୍ୱ ଆରୋପ ହୋଇଥିବାରୁ ତାଙ୍କୁ ମାନବଙ୍କ ମଧ୍ୟରେ ଶ୍ରେଷ୍ଠ ଶ୍ରୀପୁରୁଷୋତ୍ତମ କୁହାଯାଏ । ମାନବ ଜୀବନରେ ଘଟୁଥିବା ମୃତ୍ୟୁ, ଜନ୍ମ, ରୋଗ, ଶୋକ, ଦୁଃଖ, ସୁଖ, ଯନ୍ତ୍ରଣା, ମଧ୍ୟ ମହାପ୍ରଭୁଙ୍କର ଜୀବନର ରୀତି, ନୀତି, ଚଳଣିରେ ଘଟିଥାଏ । ସେଥିପାଇଁ କୁହାଯାଏ-***"ଯଥା ଦେହେ ତଥା ଦେବେ"*** । ସ୍ନାନବେଦୀର ସ୍ନାନ ଉତ୍ସବ ପରେ ପରେ ଜ୍ୱରରେ ପୀଡ଼ିତ ହୋଇ ପ୍ରଭୁ ଅଣସର ପିଣ୍ଡିରେ (ବଲ୍ଲଭ ପିଣ୍ଡିରେ) ବିଜେ କରନ୍ତି । ଏହି ସମୟରେ ମାନବୋଚିତୋ ସେବା ଶୁଶ୍ରୁସା, ବିଶ୍ରାମ, ପଥ୍ୟ ଓ ପାଞ୍ଚନ ଇତ୍ୟାଦିର ବ୍ୟବସ୍ଥା ନୀତି ନିୟମ ମୁତାବକ କରାଯାଏ । ପ୍ରଭୁ ଏହି ଅଣସର ସେବା ମାଧ୍ୟମରେ ଜଗତକୁ ବାର୍ତ୍ତା ଦିଅନ୍ତି, 'ଏ ଦେହ ଥିଲେ ସର୍ବ ପାଇ' । ଏହି ଅଣସର ସମୟରେ ପ୍ରଭୁଙ୍କୁ ଦଇତାପତି ସେବକମାନେ ଆମ୍ବ, ପଣସ, ଛେନା, କ୍ଷୀର, ସର, ରାବିଡ଼ି, ପଣା ଆଦି ପ୍ରସ୍ତୁତ କରି ପତି ମହାପାତ୍ରଙ୍କ ହସ୍ତକୁ ବଢ଼ାଇ ଦିଅନ୍ତି । ପତି ମହାପାତ୍ର ଠିଆ ହୋଇ ଠାକୁରଙ୍କୁ ସେହି ନୈବେଦ୍ୟ ଅର୍ପଣ କରନ୍ତି । ଏହି ପୂଜା ସ୍ୱତନ୍ତ୍ର ମନ୍ତ୍ରରେ ହୋଇଥାଏ । ଭୋଗ ସମୟରେ ଘଣ୍ଟି ବାଜେ ନାହିଁ । ଅଣସର ଘରେ ଠାକୁରମାନଙ୍କୁ ଧଳାବସ୍ତ୍ର, ସୁବାସହୀନ ଧଳାଫୁଲ ଲଗାଯାଏ ଏବଂ ଦଇତାପତି ଓ ପତି ମହାପାତ୍ର ମଧ୍ୟ ଧଳାବସ୍ତ୍ର ପରିଧାନ କରନ୍ତି । ଏହି ସମୟରେ ଅନ୍ୟ ସେବକ ଅଣସର ଘରେ ପ୍ରବେଶ କରିବା ନିଷେଧ । ଶ୍ରୀଜୀଉଙ୍କର ଅଣସର ଘରେ ଏହି ଗୁପ୍ତ ପୂଜା ଚାଲିଥିବା ସମୟରେ ଗୀତ, ନୃତ୍ୟ, ବାଦ୍ୟ, ପୁରାଣ ପଠନ ଆଦି ବର୍ଜନ କରାଯାଏ ।

ଶ୍ରୀଜଗନ୍ନାଥଙ୍କ ଅଣସର ବେଳର ଏକ ଘଟଣା । ପୁରୀରେ ବାସ କରୁଥିବା ମହିଳା ଭକ୍ତଟିଏ, ସମ୍ବାଦପତ୍ରରୁ ପଢ଼ିଲେ ଦଇତା ନିଯୋଗ ତରଫରୁ ଲୋକମାନଙ୍କୁ ଅନୁରୋଧ କରାଯାଉଛି କି ଅଣସର ସମୟରେ ପ୍ରଭୁଙ୍କ ପାଇଁ ଧଳାଫୁଲ ଓ ପଣସ, ସପୁରୀ ଆଦି ବଣୁଆ ଫଳ ଯେଉଁମାନେ ଭୋଗ ଦେବାକୁ ଚାହାନ୍ତି, ମୁକ୍ତିମଣ୍ଡପ ପାଖ ନୃସିଂହ ମନ୍ଦିର ପାଖରେ ପହଞ୍ଚାଇଲେ ଦିଅଁଙ୍କ ଭୋଗରେ ଲାଗିବ । ଅଣସର ଘରେ ମହାପ୍ରଭୁ ଥିଲାବେଳେ ସେହି ସ୍ତ୍ରୀ ଲୋକଟି ସ୍ୱାମୀଙ୍କ ସହିତ ନିତି ମନ୍ଦିରକୁ ଯାଇ ଅସୁସ୍ଥ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରିଆସନ୍ତି । ସେଦିନ ଖବରଟି ପଢ଼ିଲା ପରେ ତାଙ୍କର ମଧ୍ୟ ଇଚ୍ଛା ହେଲା ପଣସଟିଏ ପ୍ରଭୁଙ୍କୁ ଭୋଗ ଦେବା ଲାଗି । ତେଣୁ ସ୍ୱାମୀଙ୍କୁ ଏହି କଥା କହିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ସବୁଦିନ ମନ୍ଦିରରୁ ଫେରିବା ସମୟରେ ଜଗନ୍ନାଥବଲ୍ଲଭର ଭୋଇଆଣୀଙ୍କ ପାଖରୁ ପରିବାପତ୍ର, ଶାଗ କିଣନ୍ତି । ସେଦିନ ସେମାନଙ୍କୁ ମହିଳାଙ୍କର ସ୍ୱାମୀ ପଣସ କଥା ପଚାରିଲେ । ଜଣେ ବୁଢ଼ୀ କହିଲା, "ତା' ବାଡ଼ିରେ ଚାରୋଟି ପଣସ ଅଛି । ଗୋଟିଏ ପାକଳ ହୋଇଯାଇଛି । ତାକୁ ସିଏ ଆଜି ତୋଳି ରଖିଦେବ । ରବିବାର ଦିନକୁ ତାହା ପାଚି ଯାଇଥିବ । ଏହା ଶୁଣି ସ୍ତ୍ରୀ ଜଣକ ପଚାରିଲେ, "ବଡ଼ ପଣସ ତ ?" ସେ କିନ୍ତୁ ଉତ୍ତର ଦେବା ପୂର୍ବରୁ ତାଙ୍କ ସ୍ୱାମୀ ବୁଢ଼ୀକୁ କହିଲେ, "ବଡ଼ ପଣସଟେ ମନ୍ଦିର ଭିତରକୁ ନେବି କେମିତି ? ନିଖୁଣ ଛୋଟ ପଣସଟିଏ ଆଣିବୁ ।" ତାଙ୍କ ସ୍ତ୍ରୀ ଏହା ଶୁଣି ଚୁପ୍ ରହିଲେ । ରବିବାର ଦିନ ସକାଳୁ ତାଙ୍କ ଝିଅ ଆସିବାର ଥିଲା । ଝିଅକୁ ଅପେକ୍ଷା କରି ସ୍ତ୍ରୀ ସେଦିନ ମନ୍ଦିର ଯାଇ ପାରିଲେ ନାହିଁ । ସକାଳ ସାଢ଼େ ଆଠଟା ସମୟରେ ତାଙ୍କ ସ୍ୱାମୀ ତରତର ହୋଇ ସାଇକେଲ୍‌ରେ ମନ୍ଦିର ପାଖରେ ପହଞ୍ଚିଲା ବେଳକୁ ଉକ୍ତ ବୁଢ଼ୀଟି ମହାବ୍ୟସ୍ତ ହୋଇପଡ଼ିଥାଏ । ପଣସଟିଏ ସେ ଆଣିଥାଏ । ସମସ୍ତେ ମାଗୁଥାନ୍ତି ତାକୁ । କିନ୍ତୁ ବରାଦ ମୁତାବକ ପ୍ରଭୁଙ୍କ ପାଇଁ ଆଣିଛି କହିବାରୁ ସମସ୍ତେ ଫେରି ଯାଉଥାଆନ୍ତି । ସେ ମଧ୍ୟ ମନେ ମନେ ଚାହୁଁଥାଏ ପ୍ରଭୁ ତା ପଣସଟି ଖାଆନ୍ତୁ ବୋଲି । ଗରିବ ଲୋକ, ପଣସ ବିକିଲେ କିଛି ପଇସା ପାଇବ, ମନ ଥିଲେ ମଧ୍ୟ ପ୍ରଭୁଙ୍କୁ ଦେଇପାରିବ ନାହିଁ । ତେଣୁ ସେ ଭିତରେ ଭିତରେ ବରାଦ ଦେଇଥିବା ସେହି ବ୍ୟକ୍ତିଙ୍କୁ ଖୋଜୁଥାଏ । ହଠାତ୍ ସାଇକେଲ୍‌ଟି ରଖି ଉକ୍ତ ମହିଳାଙ୍କ ସ୍ୱାମୀ ଯେମିତି ବୁଢ଼ୀ ପାଖରେ ପହଞ୍ଚି ଯାଇଛନ୍ତି, "ବାବୁ" ବୋଲି କହି ପାଖକୁ ଦୌଡ଼ି ଆସିଲା ବୁଢ଼ୀଟି । ପଣସଟିକୁ ଆଣି ସାଇକେଲ୍ ପଛରେ ଯତ୍ନର ସହ ରଖିଲା । ପୁରା ନିଖୁଣ ଛୋଟିଆ ପାଚିଲା ପଣସଟିଏ । ମହମହ ବାସୁଥାଏ । ଟଙ୍କା ଦେଇ ପଣସଟିକୁ କିଣି ଘରକୁ ଫେରିଲେ ସ୍ୱାମୀ ।

ସନ୍ଧ୍ୟା ସମୟରେ ମୋଟା କନାଟିଏ ଗୁଡ଼େଇ ସାଇକେଲ୍‌ରେ ରଖି ସେ ପଣସଟିକୁ ମନ୍ଦିରକୁ ନେଇଗଲେ । ବାଟା ଚପଲ ଦୋକାନ ପାଖରେ ସାଇକେଲଟି ରଖି ପଣସଟିକୁ କାନ୍ଧରେ ଥୋଇ ମନ୍ଦିର ଭିତରକୁ ଚାଲିଲେ । କିଛି ବାଟ ଗଲାପରେ ତାଙ୍କୁ ଲାଗିଲା ଯେପରି ପଣସଟି ଧୀରେ ଧୀରେ ଓଜନିଆ ହୋଇଯାଉଛି । ତଥାପି ଏକ ନିଃଶ୍ୱାସରେ ମହାପ୍ରଭୁଙ୍କୁ ମନେ ମନେ ଡାକି ଡାକି ବାଇଶି ପାହାଚ ଚଢ଼ି ନୃସିଂହ ମନ୍ଦିର ପାଖରେ ପହଞ୍ଚିଗଲେ ।

ପଣସଟି ତଳେ ଥୋଇ କନାଟି କାଢ଼ିଦେଲା ବେଳକୁ ଆଶ୍ଚର୍ଯ୍ୟ ହୋଇଗଲେ ସେ, ଏତେ ବଡ଼ ପଣସ ? ମୁଁ ତ ଛୋଟିଆ ପଣସଟି କିଣିଥିଲି ଏବଂ ସେହି ଛୋଟ ପଣସଟିକୁ କନାରେ ବାନ୍ଧି ସାଇକେଲରେ ରଖିଥିଲି । ଏତେ ବଡ଼ ପଣସ ହେଲା କେମିତି ? ପତ୍ନୀଙ୍କ କଥା ମନେପଡ଼ିଲା ତାଙ୍କର । ତିନି ଭାଇଭଉଣୀ ମିଶି ପଣସଟିଏ ଖାଇଲା ପରି ବଡ଼ ପଣସଟିଏ ପାଇଁ ତାଙ୍କ ପତ୍ନୀ ପଣସବାଲୀ ବୁଢ଼ୀକୁ ସେଦିନ ଧୀରେ ଧୀରେ କହୁଥିଲେ । ସ୍ୱାମୀ ସେହି ମନ୍ଦିରରେ ପଣସଟିକୁ ରଖି ମୁଣ୍ଡିଆ ମାରିଲେ । ଭାବଗ୍ରାହୀ ସିଏ । ଭକ୍ତ ଭାବରେ ବନ୍ଧା, ଭକ୍ତମନ ଜାଣି ପଣସଟିକୁ ସେ ବଡ଼ କରି ଦେଇନାହାନ୍ତି ତ ! ଧନ୍ୟ ମହାପ୍ରଭୁ । ଧନ୍ୟ ତୁମର ଲୀଳା । ତୁମେ ଯେପରି ମଣିଷ ମନର ଉର୍ଦ୍ଧ୍ୱରେ, ତୁମ ଲୀଳା ସେହିପରି ଯୋଗୀ ଋଷିଙ୍କ ପାଇଁ ମଧ୍ୟ ଅବୁଝା । ସ୍ୱାମୀ ଘରକୁ ଫେରିଲା ପରେ ତାଙ୍କ ମୁହଁରୁ ଏ କଥା ଶୁଣି ସ୍ତ୍ରୀ ଆନନ୍ଦରେ କାନ୍ଦି ପକାଇଲେ । ତାଙ୍କ ଲୁହରେ ମହାପ୍ରଭୁଙ୍କ ପ୍ରତି ଥିଲା ଅଜସ୍ର କୃତଜ୍ଞତା, ଭକ୍ତି ଓ ପ୍ରଣାମ । ସେହି ସର୍ବଶକ୍ତିମାନ୍ ଭଗବାନଙ୍କ ପାଦତଳେ ଆସନ୍ତୁ ପ୍ରାର୍ଥନା କରିବା ବିଶ୍ୱର ମଙ୍ଗଳ ପାଇଁ । "ହେ ଜଗନ୍ନାଥ ! ଆପଣଙ୍କ ଆଶୀର୍ବାଦରେ ଝରିପଡୁ କରୁଣାର ଅବିଶ୍ରାନ୍ତ ଧାରା, ପୃଥିବୀ ମଧୁମତୀ ହେଉ, ସବିତା ମଧୁମାନ ହୁଅନ୍ତୁ, ପବନ ପରାଗ ବାହିନେଉ, ପର୍ବତମାନେ ଧରାସ୍ରାବୀ ହୁଅନ୍ତୁ, ଗଛ, ଲତା, ଫଳ ପୁଷ୍ପ ସୁଶୋଭିତ ହୁଅନ୍ତୁ, ମାନବ ମନସ୍ୱୀ ହେଉ, ଜୀବନ ସୌଭାଗ୍ୟମୟ ହେଉ, ମୃତ୍ୟୁ ସ୍ୱାଭାବିକ ଓ ଶୁଭଙ୍କର ହେଉ, ଜଗତ ସରସ, ସୁନ୍ଦର ହେଉ । ଜୟ ଜଗନ୍ନାଥ ।



-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୭୮୦୯

# ଭାଗବତ ଟୁଙ୍ଗିରେ ମହାପ୍ରଭୁ





ମହାପ୍ରଭୁ ସର୍ବମାନ୍ୟ । ତାଙ୍କ ପାଖରେ ନଥାଏ ଜାତି-ଧର୍ମର ଭେଦଭାବ । ସେ ସବୁରି ଘରେ ପୂଜିତ ହୁଅନ୍ତି । ଭକ୍ତର ଭାବନାରେ ସେ ସବୁବେଳେ ରହିଥାନ୍ତି । ସେଥିପାଇଁ କୁହାଯାଏ ଭାବକୁ ନିକଟ, ଅଭାବକୁ ଦୂର । ମହାପ୍ରଭୁଙ୍କ ପ୍ରତି ଆବ୍ରାହ୍ମଣଚାଣ୍ଡାଳ ସମସ୍ତେ ହୋଇପଡ଼ନ୍ତି ସମର୍ପିତ । ତାଙ୍କ ପ୍ରତି ଏହି ଭାବ ସୃଷ୍ଟି କରିବା ଓ ତାଙ୍କୁ ସର୍ବମୟ ଭାବେ ପ୍ରତିପାଦିତ କରିବାରେ ଓଡ଼ିଶାର କିଛି ପ୍ରମୁଖ ପରମ୍ପରା ନିର୍ବାହ କରିଛନ୍ତି ଗୁରୁ ଦାୟିତ୍ୱ । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ଗଣଦେବତା ଭାବେ ସମଗ୍ର ରାଷ୍ଟ୍ରରେ ଗୃହୀତ ହେବା ପଛରେ ୩ଟି ପରମ୍ପରା ମୁଖ୍ୟତଃ ରହିଛି । ସେଥିମଧ୍ୟରୁ ପ୍ରଥମଟି ହେଉଛି- ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ରହିଥିବା ଗୁରୁଗୋସାଇଁ ପରମ୍ପରା । ଏହାକୁ ଶ୍ରୀକ୍ଷେତ୍ରର କୌଳିକ ପରମ୍ପରା ମଧ୍ୟ କୁହାଯାଏ । କୌଳିନ୍ୟ ରକ୍ଷା ବା କୁଳ ପରମ୍ପରା ରଖିବା କରିବା ପାଇଁ ମହାପ୍ରଭୁଙ୍କ ସେବାୟତଙ୍କୁ ଗୁରୁ ଗୋସାଇଁଙ୍କ ଠାରୁ ଦୀକ୍ଷା ନେବାକୁ ହୁଏ । ଏବେ ବି ଅନେକାଂଶରେ ଏହାର ପ୍ରଚଳନ ରହିଛି । ଦୀକ୍ଷା ନେଇ ସେବା କରି ଆସୁଥିବା ବୟସ୍କ ସେବକମାନେ ବିନା ଦୀକ୍ଷାରେ ସେବାକୁ ବାରଣ କରନ୍ତି । କାରଣ ଗୁରୁ ଗୋସାଇଁ ଶିଷ୍ୟଙ୍କୁ ଦୀକ୍ଷା ଦେବା ପୂର୍ବରୁ ସେବା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରାନ୍ତି । ସେବା କାଳରେ ସମର୍ପଣ ଭାବ ରଖିବାକୁ ଜ୍ଞାନ ଦିଅନ୍ତି । ବ୍ୟତିକ୍ରମକୁ ଅପରାଧ ବୋଲି ଦର୍ଶାଇ ତା'ପ୍ରତି ସତର୍କ କରାଇ ଦିଅନ୍ତି । ମୁଁ ପରଂବ୍ରହ୍ମଙ୍କ ସେବା କରିବାକୁ ଯାଉଛି । ଏପରି ଏକ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଗୁରୁ ଦେଉଥିଲେ ଜ୍ଞାନ । ଏହି ସେବାରେ ସାମାଜିକ ଶୃଙ୍ଖଳା ଠିକ୍ ଭାବେ ପାଳିତ ହେଉଥିଲା । ଗଜପତିଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ, ସାଧୁସନ୍ଥଙ୍କ ଠାରୁ ମହନ୍ତ ତଥା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା କାଳରେ ଗୋଟିଏ ଚେତନାରେ ବାନ୍ଧି ଦେବାରେ ସେବକଟିଏ ସମର୍ଥ ହେଉଥିଲା । ସମସ୍ତଙ୍କୁ ପ୍ରଭୁଙ୍କ ପ୍ରତି ଅନୁରକ୍ତ କରାଇବାରେ ସେ ସଫଳ ହେଉଥିଲା । ତେଣୁ ମହାପ୍ରଭୁଙ୍କ ଚେତନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମେ ମୁଖ୍ୟ ବିନ୍ଧାଣି ହେଉଥିଲା ସେବକ । କୌଳିକ ରୀତିରେ ଏହା ପିଢ଼ି ପରେ ପିଢ଼ି ଚାଲି ଆସୁଥିଲା । ଗୁରୁ ଗୋସାଇଁ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ ହେଉଥିଲେ । ତାଙ୍କ ପାଇଁ ପୀଠଟିଏ ମଧ୍ୟ ସୃଷ୍ଟି ହୋଇଥିଲା । ଆଜି ତାହା ଗୁରୁ ଗୋସାଇଁ ମଠ ନାମରେ ପରିଚିତ । ଏହି ମଠ ଶ୍ରୀକ୍ଷେତ୍ରରେ ଶ୍ରୀ ଉପାସନାରେ ଆଦିମ ପୀଠ ଭାବେ ପରିଚିତ ଥିଲା । ସେବାୟତମାନଙ୍କ ମଧ୍ୟରେ ସହାବସ୍ଥାନ ପରମ୍ପରାକୁ ଅତୁଟ ରଖିବା ପାଇଁ ଏହି ମଠ କାର୍ଯ୍ୟ କରୁଥିଲା । ଶହ ଶହ ବର୍ଷ ତଳେ ପ୍ରଚାର ପ୍ରସାରର ସୁବିଧା ନଥିଲେ ମଧ୍ୟ ଅଖଣ୍ଡ ଭାରତବର୍ଷର ନିପଟ ମଫସଲରେ ପ୍ରଭୁଙ୍କ କଥା ପହଞ୍ଚିପାରୁଥିଲା । ସେଥିପାଇଁ ମାନସିକ ଇଚ୍ଛାଶକ୍ତି କାର୍ଯ୍ୟ କରୁଥିଲା । ଏହି ଇଚ୍ଛାଶକ୍ତି ପଛରେ ରହିଥିଲା ସୁଦୃଢ଼ ଗୁରୁ ଗୋସାଇଁ ପରମ୍ପରା । ମହାପ୍ରଭୁ ଗଣଦେବତା ହେବାର ଦ୍ୱିତୀୟ ରହସ୍ୟଟି ହେଉଛି ଭାଗବତ ଟୁଙ୍ଗି ପରମ୍ପରା । ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଶାରେ ଟୁଙ୍ଗି ପରମ୍ପରାର ଜନକ । ତାଙ୍କର ଅନ୍ୟ ସଖାମାନଙ୍କର ଏଥିପାଇଁ ୫୦୦ ବର୍ଷ ପୂର୍ବେ ସହଯୋଗ ମଧ୍ୟ ରହିଥିଲା । ପଞ୍ଚସଖାଙ୍କ ମିଳିତ ସହଯୋଗରେ ପ୍ରଥମେ ସେମାନେ ଏକ ନୂତନ ସନ୍ଦେଶ ବା ବାର୍ତ୍ତା ସମାଜକୁ ଦେଲେ । ତାହା ହେଉଛି ଶୁଦ୍ର ଭାବର ଚେତନା । ଶୁଦ୍ର ଭାବ ହେଉଛି ସେବକର ଭାବ । ସବୁଠାରୁ ଅଧିକ ପରିପକ୍ୱ ଲାଭ କରିଥିବା ଭକ୍ତିର ଭାବ । ସେମାନେ ନିଜକୁ ମହାପ୍ରଭୁଙ୍କ ଦାସ ବୋଲି ଘୋଷଣା ମହାପ୍ରଭୁଙ୍କ ନିକଟତର ହୋଇଗଲା । ଅତିବଡ଼ୀ ମହାଶୟ ଲାଳିତ୍ୟପୂର୍ଣ୍ଣ ଭାଗବତ ପୋଥି ସାଙ୍ଗରେ ଲବଣ୍ୟମୟ ଶ୍ରୀଜଗନ୍ନାଥଙ୍କର ଏକକ ବିଗ୍ରହଙ୍କୁ ଭାଗବତ ପୋଥି ସହିତ ଭାଗବତ ଟୁଙ୍ଗିରେ କରିଥିଲେ । ଏହି ବାର୍ତ୍ତା ହିଁ ଓଡ଼ିଆ ପ୍ରାଣରେ ଏକ ନୂତନ ଜୀବନର ସଞ୍ଚରଣ କରାଇଥିଲା । ଶୂଦ୍ର ବା ଦାସ ଭାବର ଡୋରୀରେ ଅତିବଡ଼ୀଙ୍କ ଭାଗବତ ହିଁ ବାନ୍ଧି ଦେଇଥିଲା ଗାଁରୁ ଗାଁ ପର୍ଯ୍ୟନ୍ତ । ବିଶାଳ ଓଡ୍ର ଖଣ୍ଡର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଭାଗବତର ନିପଟ ଓଡ଼ିଆ ଭାଷା ଓ ଲାଳିତ୍ୟ ପହଞ୍ଚିପାରିଥିଲା ଭାଗବତ ମାଧ୍ୟମରେ । ସାଧାରଣ ଅକ୍ଷର ଚିହ୍ନି ପଢ଼ି ପାରୁଥିବା ଗାଁ ଗହଳିର ଲୋକଟିଏ ମଧ୍ୟ ଭାଗବତ ମାଧ୍ୟମରେ ବସାଇଦେଲେ । ସେହିଦିନଠାରୁ ଭାଗବତ ଟୁଙ୍ଗି ହୋଇଗଲା ସାଧାରଣ ଓଡ଼ିଆ ଲୋକଟିଏ ପାଇଁ ଶାନ୍ତି ବା ସମର୍ପଣର ସ୍ଥଳ । ଗାଁର ଭାଗବତ ଟୁଙ୍ଗି ପାଲଟିଗଲା ସଂହତିର ପ୍ରାଣକେନ୍ଦ୍ର । ସାମାଜିକ ସଂହତି, ଆଧାତ୍ମିକ ଚେତନା, ଭାଷାର ପରାକାଷ୍ଠା ଓ ପରମ୍ପରାର ପ୍ରତୀକ ରୂପେ ଭାଗବତ ଟୁଙ୍ଗି ମୁଣ୍ଡ ଟେକିଲା । ଜଗନ୍ନାଥଙ୍କୁ ଆଧାର କରି ଏହି ପ୍ରତୀକ ଗୁଡ଼ିକ ଗଢ଼ିବାରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ତ୍ୟାଗର ପଟ୍ଟାନ୍ତର ନାହିଁ । ଏହା ଦିନକରେ ହୋଇନଥିଲା । ବର୍ଷ ବର୍ଷ ଲାଗିଥିଲା ଏହା ସମ୍ପୂର୍ଣ୍ଣ ଭାବେ ଠିଆ ହେବା ପାଇଁ । ଏହାପରେ ଗାଁର ସାଧାରଣ ଲୋକଟିଏ ଗାଇ ଉଠିଛି ଜଗନ୍ନାଥ ପ୍ରାଣ ଲୋକଗୀତ, ଯାହା ସୃଷ୍ଟି କରିଛି ଲୋକକଥା । ହଳିଆଗୀତ, ଚଇତିପର୍ବ ଗୀତ, କାନ୍ଦଣା ଗୀତ, ଚକୁଳିଆ ପଣ୍ଡା ଗୀତ, ଦାସକାଠିଆ ଓ ସଂକୀର୍ତ୍ତନ ଗୀତ । ଏହାରି ଭିତରେ ଫୁଟି ଉଠୁଥିଲା ଶ୍ରୀଜଗନ୍ନାଥ ଉପାସନାର ମହତ୍ୱ । ଅତିବଡ଼ୀ ଗୋସାଇଁଙ୍କର ଟୁଙ୍ଗି ପରମ୍ପରାରେ ଏହି ଐତିହ୍ୟର ବାସ୍ତବ ରହସ୍ୟ ଆଜି ବି ଓଡ଼ିଶାରେ ସଠିକ୍ ଭାବେ ଆକଳନ ହୋଇନାହିଁ କି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ । ମହାପ୍ରଭୁ ଗଣଦେବତା ହେବାର ତୃତୀୟ ବିନ୍ଦୁଟି ହେଉଛି- ମହାପୁରୁଷମାନଙ୍କର ଗୁରୁକୁଳ ପରମ୍ପରା । ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଗୁରୁକୁଳ ପରମ୍ପରାକୁ ବିକଶିତ କରାଇଥିଲେ । ଗୁରୁକୁଳ ପରମ୍ପରା ଓଡ଼ିଶାର କୋଣ ଅନୁକୋଣରେ ଏବେ ବି ସକ୍ରିୟ ରହିଛି । ଏହି ପରମ୍ପରାରେ ଗୁରୁ କହିଲେ ଅଚ୍ୟୁତଙ୍କୁ ହିଁ ଗ୍ରହଣ କରାଯାଏ । ମହାପୁରୁଷ ଅଚ୍ୟୁ ନିଜର ଗୁରୁ ରୂପେ ଶୂନ୍ୟ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିଲେ । ସେ ଥିଲେ ସିଦ୍ଧ ଯୋଗୀ । ଏବେ ବି ପାଞ୍ଚଶହ ବର୍ଷ ପରେ ଅଚ୍ୟୁତଙ୍କ ସତ୍ତା ପୋଥିମାନଙ୍କରୁ ଅନୁଭୂତ ହୁଏ । ବହୁଜନ ସୁଖାୟଃ ବହୁଜନ ହିତାୟଃ ଚେତନାର ଏକ ସମୃଦ୍ଧ ପରମ୍ପରା । ସେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଶୂନ୍ୟ ଧାରାର ବାର୍ତ୍ତା ଦେଇଥିଲେ । ଏହି ଶୂନ୍ୟ ଧାରାରୁ ବହୁ ଉପଧାରା ଓଡ଼ିଶାରେ ସୃଷ୍ଟି ହୋଇଛି । ସେମାନେ ଇଷ୍ଟ ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିବାବେଳେ ଗୁରୁ ରୂପେ ମହାପୁରୁଷ ଅଚ୍ୟୁତଙ୍କୁ ଗ୍ରହଣ କରନ୍ତି । କେବଳ ସେତିକି ନୁହେଁ, ଅଚ୍ୟୁତାନନ୍ଦଙ୍କ, ମାଳିକା, ଜୈତିଷ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଅଜପା ଧାରାକୁ ନେଇ ଅନେକ ଗୁରୁ ପରମ୍ପରା ଓଡ଼ିଶାରେ ବିକାଶ ଲାଭ କରିଥିଲା । ଏହାକୁ ନେଇ ଅନେକ ସାହିତ୍ୟ ବି ସୃଷ୍ଟି ହୋଇଥିଲା, ଯାହା ଶ୍ରୀଜଗନ୍ନାଥଙ୍କର ନିଗୂଢ଼ ମାନବୀୟ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ହୋଇଅଛି । ତାହାର ଯଥାର୍ଥ ଆଲୋଚନା ଓଡ଼ିଶାରେ ଯେପରି ହେବା କଥା ତାହା ହୋଇପାରିନାହିଁ । ଏହି ପରମ୍ପରାରେ ଶତାଧିକ କାବ୍ୟ କବିତା, ଚଉତିଷା, ମାଳିକା ଓ ପୁରାଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ମଧ୍ୟ ହୋଇପାରିନାହିଁ । ଗୁରୁ ଗାଦିମାନଙ୍କର ଶହ ଶହ ପୋଥି ସେହିପରି ରହିଛି । ସେଥିରେ ଅନେକ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଲୁଚିରହିଛି । ତଥାପି ଏ ଗୁରୁ ପରମ୍ପରା ମହାପ୍ରଭୁଙ୍କୁ ଗଣଦେବତା କରାଇବାରେ ସଫଳ ହୋଇଥିଲା । ଓଡ଼ିଆ ଘରର ମୁରବୀ ଭାବେ ଜଗନ୍ନାଥଙ୍କୁ ଗ୍ରହଣ କରିବାର ପରମ୍ପରା ଏହି ଗୁରୁକୁଳ ପରମ୍ପରା ହିଁ ଶିକ୍ଷା ଦେଇଥିଲା ।

—ରଘୁନାଥ ମହାପାତ୍ର
ସତ୍ୟଶ୍ରୀ ନିବାସ, ତାରାଚାନ୍ଦ ପାଟଣା, କଟକ

# ଭାବର ଠାକୁର...






ଭାରତରୁ ସୃଷ୍ଟ ଭାରତ-ଏକ ନିଆରା ଅନୁଭବ । ସନାତନ ଧର୍ମରେ ବନ୍ଧା ସାରା ଭାରତ । ଧର୍ମୀୟ ଭାବନାରେ ଉଦ୍‌ବୁଦ୍ଧ ଏ ସୃଷ୍ଟି । ଆଉ ଏହାରି ଭିତରେ ସଭିଙ୍କର କୁଳଦେବତା, ଅନାଦିଅନନ୍ତ ଲୀଳାମୟ ପ୍ରଭୁ ଶ୍ରୀଜଗନ୍ନାଥ । ସେ ଜଗତର ନାଥ ପୁଣି ସେ ଭାବର ଦେବତା । ସେ ଦାସିଆବାଉରୀ ହେଉ କି ଭକ୍ତ ସାଲବେଗ ସବୁରିଠାରେ ସେ ସର୍ବବିଦ୍ୟମାନ । ଅନୁଭବର ଅନୁଭବୀ ଠାକୁର ସେ । ଭକ୍ତର ଭଗବାନ କାଳିଆ ଠାକୁର.... ଚାରିଧାମ ମଧ୍ୟରେ ପୁରୀ ଏକ ଅନନ୍ୟ ପରିଚୟ । ଭକ୍ତିମୟ ପରିବେଶ ସହ ଭଗବାନଙ୍କର ଅପୂର୍ବ ଲୀଳା ଏହାକୁ ଜୀବିତ କରେ । ସତରେ କାଳିଆର ଲୀଳା ବଡ଼ ବିଚିତ୍ର । ସେ ଏମିତି ଏକ ଠାକୁର ଯାହାକୁ ଯେତେ ଦେଖିଲେ ବି ମନ ବୁଝେନି । ପୁଣି ଦେଖିବାକୁ ଇଚ୍ଛା ହୁଏ । ସେ ପରା ମନର ପ୍ରଭୁ । ସେ ପୁଣି ବିଚିତ୍ର ସ୍ରଷ୍ଟା । ବଡ଼ଦାଣ୍ଡରେ ପାଦ ଦେଉଦେଉ ମନରେ ଭକ୍ତିଭାବ ଜାଗ୍ରତ ହୁଏ । ଭକ୍ତ ତ' ଦଇତାପତିମାନଙ୍କୁ ଭଗବାନଙ୍କର ସେବକ ମାନନ୍ତି । ସେ ଯାହା ବି ହେଉ କାଳିଆ ପରା ସମସ୍ତଙ୍କର । ଦୁଇବର୍ଷ ପୂର୍ବକୁ ଯଦି ଫେରିଯିବା, ଯେଉଁ ସମୟରେ ତାଲାବନ୍ଦର ନାରା ବାଜୁଥିଲା, ଯେତେବେଳେ ଗାଁଠୁ ସହର ସବୁଠି ଏକରକମର ଶବ୍ଦହୀନ ପରିବେଶ ସୃଷ୍ଟି ହୋଇଥିଲା, ସେବେ ରଥଯାତ୍ରା ହେବ ନହେବାକୁ ନେଇ ଏକ ବଡ଼ ଦ୍ୱନ୍ଦ୍ୱ ଓ ବିତର୍କ ଚାଲୁଥିଲା । ସାରା ଦେଶ ସେବେ ଲକ୍‌ଡ଼ାଉନର ସମୟ ଦେଇ ଗତି କରୁଥିଲା । ଘରୁ ପାଦ କାଢ଼ିବା ଆଜି ଅସମ୍ଭବ ହୋଇଯାଇଥିଲା । ସବୁ ମନ୍ଦିରର ଦ୍ୱାର ଭକ୍ତଙ୍କ ପାଇଁ ବନ୍ଦ ଥିଲା । ଯେଉଁ ମନ୍ଦିର ପ୍ରାଙ୍ଗଣରେ ଧର୍ମର ଗାଥା ଗାନ କରାଯାଉଥିଲା, ଭକ୍ତିମୟ ପରିବେଶ ସୃଷ୍ଟି ହେଉଥିଲା, ତାଲାବନ୍ଦ ଯୋଗୁଁ ସେଠି ଖାଁ ଖାଁ ପରିବେଶ ସୃଷ୍ଟି ହୋଇଥିଲା । ଏହାରି ଭିତରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ ସୃଷ୍ଟି ହୋଇଥିଲା ଅନେକ ତର୍ଜମା ।

ରଥଯାତ୍ରା-ମହାପ୍ରଭୁଙ୍କର ପ୍ରସିଦ୍ଧ ଯାତ୍ରା । ଏକଥା ତ ସମସ୍ତେ ଜାଣିଛନ୍ତି । ପ୍ରଥମେ ରଥ ହେବ କି ନାହିଁ ମଧ୍ୟରେ ଯେଉଁ ବିବାଦ ଓ ଦ୍ୱନ୍ଦ୍ୱ ଲାଗି ରହିଥିଲା, ତା'ର ପୂର୍ଣ୍ଣଚ୍ଛେଦ ପକାଇଥିଲେ ରାଜ୍ୟ ସରକାର । ରଥ ହେବ ବୋଲି ଅନୁମତି ମିଳିବା ପରେ ସମସ୍ତଙ୍କ ମନରେ ଆଶାର କିରଣ ଜାତ ହୋଇଥିଲା । ରଥ କାମ ବେଶ ସୁରୁଖୁରରେ ଚାଲୁଥିବା ବେଳେ ହାଇକୋର୍ଟଙ୍କ ରାୟ ବି ମନର ଏହି ଆଶା ଓ ଉଦ୍‌ବେଗକୁ ଦ୍ୱିଗୁଣିତ କରିଥିଲା । ସେବାୟତ ଏବଂ ପ୍ରଶାସନର ସହଯୋଗର ସମସ୍ତ ନୀତିକାନ୍ତି ବି ସରିଥିଲା । ରଥ କାମ ବି ଅନେକ ଦିନ ପରେ ଆରମ୍ଭ ହୋଇଥିଲେ ହେଁ ଖୁବ ଶୀଘ୍ର ଏହା ସରିବାକୁ ବସିଥିଲା । ଏହାରି ମଧ୍ୟରେ ସୁପ୍ରିମକୋର୍ଟ ମଧ୍ୟାହ୍ନ ସମୟରେ ଯେଉଁ ରାୟ ଦେଲେ ରଥଯାତ୍ରା ହୋଇପାରିବ ନାହିଁ, ସମଗ୍ର ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ନିରାଶାର ଛାୟା ଖେଳିଗଲା । ଯଦି ରଥଯାତ୍ରା ହେବାର ନଥିଲା, ତାହାହେଲେ ସ୍ନାନଯାତ୍ରା କ'ଣ ପାଇଁ କରାଗଲା ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଅସିଥିଲା । ସବୁଆଡ଼େ ରଥଯାତ୍ରା ହେଉ ବୋଲି ସ୍ୱର ଶୁଭିଥିଲା । କାଳିଆ ଠାକୁରର ଲୀଳା କିଏ ବା ଜାଣେ । ସେ ତ' ସଂସାରର ପଥପ୍ରଦର୍ଶକ । ତା'ରି ଇଙ୍ଗିତରେ ସବୁ ହୋଇଥାଏ । ଆଉ ପରିଶେଷରେ ଅନେକ ବିଚାର ବିମର୍ଶ, ଗଜପତି ମହାରାଜଙ୍କ ଚିଠି, ସରକାରଙ୍କ ହସ୍ତକ୍ଷେପ ପରେ ଏ ରାୟର ପୁନର୍ବିଚାର ହୋଇଥିଲା । ପୁଣି ବଡ଼ଦାଣ୍ଡରେ ରଥ ଗଡ଼ିଥିଲା । ବିନା ଭକ୍ତରେ ହେଉ ପଛେ ଅନ୍ତତଃ ମନଟା ବୁଝିଗଲା । ସକାଳେ ଯେତେବେଳେ ଟିଭି ପରଦାରେ କାଳିଆ ଠାକୁରର ପହଣ୍ଡିଠୁ ଆରମ୍ଭ କରି ଛେରାପହଁରା ଯାଏଁ ଦୃଶ୍ୟକୁ କୋଟିକୋଟି ଲୋକ ଦେଖୁଥିଲେ, ସେବେ ବୋଧହୁଏ ବୁଝିଯାଇଥିବେ କାଳିଆର ଲୀଳାକୁ । ସେ ନ ଚାହିଁଲେ କ'ଣ ରଥ ଗଡ଼ିଥା'ନ୍ତା । ପରଦା ଉପରେ ହେଉ ପଛେ ଆମେ ମହାପ୍ରଭୁଙ୍କୁ ଦେଖିବାର ସୁଯୋଗ ପାଇପାରିଲୁ । ମଣିଷ ଏବେ ଏତିକି ବୁଝିଯିବା ଦରକାର ଯେ ବିଶ୍ୱନିୟନ୍ତାଙ୍କ ପାଖରେ ସେ ଅତି ନଗଣ୍ୟ । ଯେତେ ଟଙ୍କାର ମାଲିକ ହେଉ କି କ୍ଷମତାର ଅଧିକାରୀ, ନିୟତିଙ୍କ ପାଖରେ ସେସବୁ ତୁଚ୍ଛ । ନିଜ ଭିତରେ ଯାହା ବି ପରିପାଟୀ ଥାଉ, ଅନ୍ତତଃ ଭଗବାନଙ୍କ ପଦାରବିନ୍ଦରେ ସେସବୁ ସମର୍ପି ଦେବା ଉଚିତ୍ । ଆଉ ଆଜି ସେ ବଡ଼ ଦେବତାଙ୍କ ଘୋଷଯାତ୍ରା । ପୁଣି ଥରେ ସେ ସମୟର କଥା ଏବେ ମନେପଡିଲେ ଏମିତି ହୃଦ୍‌ବୋଧ ହୁଏ ସତରେ କାଳିଆର ବିନା ଅନୁମତିରେ କିଛି ବି କାମ ହୋଇପାରେନି । ସେ ଆଦି , ସେ ଅନ୍ତ । ଆଜି ସବୁଠି ଜଗନ୍ନାଥପ୍ରେମୀଙ୍କ ଭିଡ଼ । ମହାପ୍ରଭୁଙ୍କୁ ଦେଖିବେ, ଲୀଳାମୟଙ୍କୁ ପାଖରୁ ଦେଖିବେ । ମହାବାହୁ ସମସ୍ତଙ୍କର...ଆମେ ସବୁ ତାଙ୍କରି ସନ୍ତାନ । ଏକତା ସୂତ୍ରରେ ବାନ୍ଧିହେବା ଆଉ ନିଜ ଭିତରେ ନିଜ ସମାଧାନ କରିବାକୁ ଚେଷ୍ଟା କରିବା । ଏଥିପାଇଁ ରାଜନୀତି କରାନଯାଉ । ମହାପ୍ରଭୁଙ୍କ ନିକଟରେ ଏତିକି ଗୁହାରି, ପୁଣି ଥରେ ସେହି କରୋନାର ସ୍ପର୍ଶ ଓଡ଼ିଶାରେ ନଆସୁ । ଭକ୍ତିମୟ ବାତାବରଣ ସୃଷ୍ଟି ହେଉ, ଜଗତର କଲ୍ୟାଣ ହେଉ ।

ଡି ଶୁଭମ୍, ବାସୁଦେବପୁର, ଭଦ୍ରକ, ମୋ-୯୪୩୮୪୬୭୦୭୯




# ମୁଠାଏ ଅବିର



**ବିପ୍ଳବ**

ତା ସହିତ ମୋର ଦେଖା ସେଇ ଲେଡିଜ୍ କର୍ଣ୍ଣରରେ ହୋଇଥିଲା ।ମୁଁ ମାନି ଦେଇ ପାଇଁ ନେଲ୍ ପଲିସ କିଣୁଥିଲି ଆଉ ସେ ହେୟାର କ୍ଲିପ୍ । ହଠାତ୍ ଭିଡିଓ କଲ୍ କରି ସେ ଚିଲ୍ଲେଇଲା –' ମାମା ଦେଖ, ଏଠି ତୋ କ୍ଲିପ୍ ନାହିଁ ସବୁ ଝିଅ ପିଲାଙ୍କର ।'

–' ତମ ମାମା କଣ ଝିଅ ନୁହନ୍ତି କି ?'

ମୋ ପାଟି ସ୍ଲିପ କଲା ।

–' ଆରେ ବୁଦ୍ଧୁ, ମାମା ଝିଅ ନୁହେଁ ସ୍ତ୍ରୀ ଲୋକ ।'

କହିସାରି ସେ ଜିଭ କାମୁଡି ଦେଲା । ମୋ ମୁହଁକୁ ଚାହିଁ ଫିକ୍ କିନା ହସିଦେଲା ଆଉ ନରମ ଗଳାରେ କହିଲା –'ସରି ।'

ମୁଁ କାନ ଧରି କହିଲି –' ମୁଁ ବି ସରି, ତମ ମମ ଙ୍କୁ ନେଇ ଏମିତି ମଜା କରିବା ଠିକ ନୁହେଁ ।'

ସେଦିନ ରାତିରେ ନିଦ ହେଲାନି । କାନ ପାଖରେ ଗୋଟିଏ କଥା ଝଙ୍କୃତ ହେଉଥିଲା –' ଆରେ ବୁଦ୍ଧୁ, ମାମା ଝିଅ ପିଲା ନୁହେଁ ସ୍ତ୍ରୀ ଲୋକ ।'

ଯୋର ରେ ହସ ଲାଗିଲା । ମୁଁ ସମୟ ଜ୍ଞାନ ଭୁଲି ହସିଲି । ଖଟକଡରେ ମାନି ଦେଇ ଆଉ ବୋଉ ଶୋଇଥିଲେ । ଦେଇ ଉଠିପଡି କହିଲା –' କଣ କିରେ ଛତରା, ଦିନ ବାରଟା ଭାବୁଚୁ କି ଏବେ ? ରାତି ବାରଟା ହେଲାଣି, ନ ଶୋଇ କଣ କରୁଛୁ ?

ମୁଁ ଅଚାନକ ଉତ୍ତର ଦେଲି –' ଦେଇ, ସପନ ଦେଖୁଥିଲି ପା, କିଏ ଜଣେ ମୋତେ କୁତ କୁତ କରୁଥିଲା । ଦେଇ ତୋ ନେଲ ପଲିସି ସରି ଗଲାଣି କି ?

–' ଆରେ ତୁ ପାଗଳ ନା କଣ ? '

–' ଆଲୋ ନେଲ ପଲିସି ନୁହେଁ, ନେଲ ଆର୍ଟ..

–' ଶୋଉଚୁ ନା ଦେଖିବୁ ଏଇନା...

ଜିରୋ ଲାଇଟ ଜାଳି ଶୋଇବାର ଅଭିନୟ କଲି । ନିଦ ଲାଗୁ ନଥିଲା.... କେତେବେଳେ ଶୋଇଲି କେଜାଣି..! ମୁହଁକୁ ପାଣି ଛାଟି ଦେଇ ମୋତେ ଉଠେଇଲା । ସେଦିନ ସକାଳ ମୋ ପାଇଁ ନୂଆ ସ୍ୱପ୍ନ ଆଣି ଆସିଥିଲା ଯେମିତି । ବେକାରୀ ଜୀବନରେ ସମୟ କାଟିବା ପାଇଁ ଯେମିତି ଗୋଟେ ବାହାନା ମିଳିଗଲା..!'

ମୁଁ ଅଧିକାଂଶ ସମୟ କିଛି କିଣିବାର ବାହାନା କରି ଲେଡିଜ କର୍ଣ୍ଣର ଭିତରେ ପଶି ଯାଉଥିଲି । ନା ସେ ମୋତେ କିଛି କହେ ନା ମୁଁ ତାକୁ କିଛି କହେ ! ଏମିତି କିଛି ଦିନ ଚାଲିଲା ।

ଦିନେ ଅଚାନକ କଲେଜ ବନ୍ଦ ହେଇଗଲା । ମୁଁ କିନ୍ତୁ ସବୁବେଳେ କଲେଜ ଛକ ଯାଉଥିଲି, ଠିଆ ହେଇ ପାନ ଦୋକାନ ସାମନାରେ ପେପର ପଢୁ ଥିଲି । କୃଷ୍ଣ ଚୂଡ଼ା ଗଛ ତଳେ ଫୋନରେ ଗପିବାର ବାହାନା କରି ଏପଟ ସେପଟ ହେଉଥିଲି । କୃଷ୍ଣଚୂଡ଼ା ଗଛର ସବୁଜ ପତ୍ର ଭିତରୁ ନାଲି ନାଲି କଢ଼ ଗୁଡ଼ିକ ବେକ ଗୁଡ଼ିକ ବେକ ଭାଙ୍ଗି ଅନେଉଥିଲେ କଇଁଛ ପରି । କିଛି ଦିନ ପରେ ସେଗୁଡିକ କଢ଼ରୁ ଫୁଲ ହେଲେ, ହସି ଉଠିଲେ । ମୋ ଓଠର ହସ ଫୁଲ କିନ୍ତୁ ଫୁଲରୁ କଢ଼ ହେଉଥିଲା ଯେମିତି ! ବ୍ୟସ୍ତ ଲାଗୁଥିଲା । ଭାବିଲି ଚଗୁଲୁ ଭାଇକୁ ଯାଇ ପଚାରିବି ସେ ଝିଅ ବିଷୟରେ, ହୁଏ ତ ସେ କିଛି ସାହାଯ୍ୟ କରିପାରେ ! ପର ମୁହୂର୍ତ୍ତରେ ଭାବିଲି ଦୋକାନକୁ କେତେ ଝିଅ ଆସୁଛନ୍ତି, ସେ କାହିଁକି ମନେ ରଖିଥିବେ ? ଦୂରରୁ ଠିଆ ହେଇ ସମସ୍ତଙ୍କ ଅଲକ୍ଷ୍ୟ ରେ ଝିଅ ମାନଙ୍କୁ ଚାହେଁ, କାଳେ ଅଲଗା ଡ୍ରେସ ପିନ୍ଧି ଆସୁଥିବ ?

ନା.. ମୋ ଆଖି କେବେ ଧୋକା ଖାଇବନି । ସମ୍ଭବତଃ ଝିଅ ଟି ଆମ ସହରର ନୁହେଁ, ନିଶ୍ଚୟ । ନହେଲେ କଲେଜ ବନ୍ଦ ହେଲା ପରେ ବି କେବେ ନା କେବେ ବାଟରେ କି ଘାଟରେ କି ଲେଡିଜ କର୍ଣ୍ଣର ହେଉ ବା ଗୁପଚୁପ ଠେଲା ଗାଡି ପାଖରେ ହେଉ ଭେଟ ହୁଅନ୍ତା ! ବସନ୍ତ ପଳାଶ ଫୁଲକୁ କେବେ କେମିତି ଅଣଦେଖା କରିପାରେ ହେଲେ ଝିଅଟିଏ ଗୁପଚୁପ ବାଲା କି ଲେଡିଜ କର୍ଣ୍ଣାରକୁ ଅଣ ଦେଖା କରି ପାରିବନି । ମୋ ଭାବନାରେ ପୂର୍ଣ୍ଣଛେଦ ପକେଇ ଚଗୁଲୁ ଭାଇ ଡ଼ାକ ଛାଡିଲେ –' ଆରେ ଶକ୍ତି ସେଠି କାହିଁକି ଠିଆ ହେଉଛୁ, ଚାକିରୀ ବାକିରି କଲୁଣି କି ନାଇଁ ?

ମୋତେ ପଚାରି ସାରି ତାଙ୍କ କବାଟ କଡକୁ ଜିଭ କାଢି ଧକଉ ଥିବା କୁକୁରକୁ ଛେଇ ଛେଇ କଲେ । ମୁଁ ଅଳ୍ପ ସାହସ ଛାତିରେ ବାନ୍ଧିଲି । ଯେମିତି ଡ଼ାକ ଟିକଟକୁ ଛେପ ଲଗେଇ ଲଫାପା ଉପରେ ହାଲକା ଭାବରେ ଲଖା ଯାଏ। ମୁଣ୍ଡ ବାଳକୁ ସାମାନ୍ୟ ଆଉଁସି ପଚାରିଲି –':କଣ ଦୋକାନ ବନ୍ଦ କରିବକି ?'

– ' ହଁ ମ, ବେପାର ବହୁତ ମାନ୍ଦା । କଲେଜ ଖୋଲିଲେ ଯାଇ ଯାହା ହେବ। ହେଲେ ତୁ ଆଉ ମୋ ଦୋକାନକୁ ଆସୁନୁ, ଆଉ କୋଉଠୁ କଣ ନେଉଛୁ କି ? '

– ' ଏବେ ସାହସ ବାନ୍ଧିଲା ମନରେ ଫେବି କୁଇକ ଅଠା ପରି । ସାମାନ୍ୟ ଆଶ୍ୱସ୍ତ ହେଇ ପ୍ରଶ୍ନ କଲି –' ଭାଇ ଗୋଟେ କଥା ପଚାରିଥାନ୍ତି ? '

–' କଣ ପଚାରୁନୁ, ଏବେ ତ ଗରାଖ ନାହାନ୍ତି ।'

–' ଗୋଟେ ଝିଅ ବିଷୟରେ..

ସେ ସାମାନ୍ୟ ହସିଲେ, ସକାରାତ୍ମକ ନା ତାଚ୍ଛଲ୍ୟଭରା ମୁଁ ବୁଝି ପାରିଲିନି, ଚୁପ ହେଇଗଲି ।'

–' କହୁନୁ, କୋଉ ଝିଅ କଥା, କେହି ନାହାନ୍ତି ।'

ଏତିକି ଆଶ୍ୱାସନା ରେ ପାହୁଣ୍ଡ ଆଗକୁ ପକେଇଲି ।

–' ଭାଇ ସେ ତମ ଦୋକାନ କୁ ପ୍ରାୟେ ଆସେ, ଟିକେ ମନେ ପକାନ୍ତୁ ।

–' ଆରେ କେତେ ଝିଅ ଆସୁଛନ୍ତି, ହୁଏ ତ ଜାଣିଥିବି, ହେଲେ ତୁ କାହା କଥା କହୁଚୁ କେମିତି ଜାଣିବି ? '

–' ଭାଇ, ସେ ଡବଲ ବେଣୀ କରେ, ଟିକିଏ ଗେଡି ହେଇ ଝିଅ, ଓଠ ସାମାନ୍ୟ ମୋଟା, ହସିଲେ ବାଁ ପଟ ଗାଲରେ ଭଉଁରୀ ହେଇଯାଏ,ଅଧିକାଂଶ ସମୟ ପିଙ୍କ କଲର ଡ୍ରେସ ପିନ୍ଧେ ?।'

ମୋ କଥା ଶୁଣି ବହୁତ ହସିଲେ ।

–' ଆରେ ତୁ ବୋଧେ ତାକୁ ଭଲ ପାଉଛୁ ବୋଲି ଏତେ କଥା ଲକ୍ଷ୍ୟ ରଖିଛୁ, ଏ ସବୁ ପାଇଁ ମୋର ବୟସ ଅଛି ନା ଇଛା...

–' ଭାଇ, ଥରେ ସେ କୃଷ୍ଣ ଚୂଡ଼ା ଗଛ ମୂଳରେ ଠିଆ ହେଇ ଜୁମ କରି ଫଟ ଟେ ନେଇଥିଲି ସାଇଡରୁ । ଝାପ୍ସା ଅଛି, ହୁଏ ତ ଚିହ୍ନି ପାରିବେ,

ମୁଁ ମୋବାଇଲ ବାହାରକରି ଗ୍ୟାଲେରୀରୁ ଫଟ ଦେଖେଇଲି ।

–' ଆରେ ହଁ, ମୁଁ ଯାକୁ ଚିହ୍ନିଚି, ବହୁତ ବକ ବକ କରେ ନା ? '

ମୁଁ ଚିଲେଇ ଉଠିଲି –' ହଁ ଭାଇ, ସେଇ ଝିଅ, ପ୍ଲିଜ କୁହନ୍ତୁ ତା ଘର କୋଉଠି ?'

–' ଆରେ ତା ନାଁ ଜାଣିନି, କିନ୍ତୁ ଫାଇନାଲ ଡିଗ୍ରୀ ପିଲା, ସେ କେବେ ବାକି ନିଏନି, ତେଣୁ ତା ନାଁ ଦରକାର ପଡିନି ମୋର, କିନ୍ତୁ ତା ସାଥିରେ ଆସୁଥିବା ଝିଅର ନାଁ ମୀରା, ସେ କଣ୍ଟିଲୋ ର ଝିଅ ।'

–' ଗୋଟେ କଥା ମୋର ମନେ ଅଛି ଭାଇ, ଗୁରୁ ଦିବସ ପୂର୍ବ ଦିନ ସେ ସାରଙ୍କ ପାଇଁ ଗିଫ୍ଟ ନେଇଥିଲା, ଆଉ ଫୋନ ପେ କରିଥିଲା...

–' ସେଇଠୁ...

– ' ଫୋନ ପେ ହିଷ୍ଟ୍ରି ରୁ ତା ଫୋନ ନମ୍ବର ଜାଣି ହେବ, ପ୍ଲିଜ.. ପ୍ଲିଜ ଭାଇ...

ମୁଁ ନେହୁରା ହେଲି ।

ସେଦିନ ମୋ ଭାଗ୍ୟ ବହୁତ ଭଲ ଥିଲା, ଚଗୁଲୁ ଭାଇ ପାଖରୁ ତା ନମ୍ବର ଯୋଗାଡ଼ କଲି, ସେ ନମ୍ବର ଦେଲେ ସତ ହେଲେ ତାଗିଦା କଲେ ସେ ଝିଅକୁ ଯେମିତି ହଇରାଣ ନ କରେ କି ତାଙ୍କ ନାଁ କୋଉଠି ନ ନିଏ ।

ରାତିରେ ଛାତ ଉପରକୁ ଗଲି, ଡାଟା ଅନ କରି ନମ୍ବର କୁ ଟ୍ରୁ କଲରେ ରେ ପକେଇଲି । ମିଷ୍ଟି ମିଶ୍ର ଆସିଲା.. ବାଃ.. ବ ?ଆ ନାଁ ତ

କାଳେ ହ୍ୱାଟ୍ସ ଅପ ରେ ଥିବ ଭାବି ଚେକ କଲି । ସୋ କଲା । ଡିପିରେ ଗୋଲାପ ଫୁଲ ଟେ ଥିଲା । ନମ୍ବର ଆଉ କାହାର କାଳେ ହେଇଥିବ ଭାବି ଡର ଲାଗିଲା, କେତେବେଳେ ନିଦ ହେଲା କେଜାଣି.. ଜାଣିନି, ଭୋର ସମୟ..

ହ୍ୱାଟ୍ସ ଅପ ଚେକ କଲି, ଡିପିରେ ସେଇ ଝିଅର ଫଟ ଥିଲା । ଡାକ୍ତର ଦ୍ୱାରା ମୃତ ଘୋଷିତ ଶବ ଅଲୌକିକ ପ୍ରକ୍ରିୟା ଦ୍ୱାରା ଜୀବନ୍ୟାସ ପାଇଲା ପରି ଅନୁଭବ ହେଲା.. ମୁଁ ହାଏ ଲେଖି ରିପ୍ଲାଇ କୁ ଅପେକ୍ଷା କଲି, ସକାଳ ଯାଇ ସଞ୍ଜ ହେଲା । କିଛି ଉତ୍ତର ଆସି ନଥିଲା, ଦିନ ସାରା ଆଶା ଆଉ ଆଶଙ୍କାରେ କଟିଲା ।

ରାତିରେ ଖାଇ ସାରି ଛାତରେ ଏପଟ ସେପଟେ ହେଲି । ଗାମୁଛା ପାରି ଗଡ଼ପଡ଼ ହେଲି । ନଡ଼ିଆ ବାହୁଙ୍ଗା ସନ୍ଧିରୁ ଜହ୍ନ ଝାପ୍ସା ଦିଶୁଥାଏ । ମୁଁ ଫୋନ କୁ ବାରମ୍ବାର ଚେକ କରୁଥାଏ, ଦେଖିଲି ହାଏ ମେସେଜ ଆସିଲା କ୍ଷ

ମୁଁ ଖୁସିରେ ପାଗଳ ହେଇଗଲି, ମନ ଚଗଲା ହେଇ ଉଠିଲା । ମୁଁ ହାଏ ଲେଖିଲି । ଉତ୍ତର କିଛି ଆସିଲାନି, ମୁଁ ସାରାରାତି ଚେଇଁ ରହିଲି, ବଡ଼ ଅଜବ ଝିଅ । ମୋ ହସ ଲୁହରେ ବଦଳି ଗଲା ଯେମିତି.. ପାହାନ୍ତା ରୁ ସାମାନ୍ୟ ଶୋଇ କାମରେ ବ୍ୟସ୍ତ ରହିଲି, ଫୋନ ବି ଡାଟା ଅଫ କରି ଘରେ ଥୋଇ ଦେଲି । ତଥାପି ମନ ବୁଝିଲାନି, ନ ଟାରେ ଚେକ କଲି, ମେସେଜ ଆସିଛି.. ଦିନ ଏଗାର ଟାରେ ତାରିଣୀ ଆର୍ଟ କଡରେ ଥିବା ମଧୁ ବାସନ୍ତୀ ସ୍ନାକ୍ସ କୁ ଆସ ।

ମୁଁ ପାଗଳ ହେଇଯିବି ଯେମିତି, ଏମିତି ଅଜବ ଝିଅ, ପ୍ରେମର ଆରମ୍ଭ ପୁଣି ସ୍ନାକ୍ସ ପଏଣ୍ଟରୁ ! ଆଶ୍ଚର୍ଯ୍ୟ ଲାଗିଲେ ବି ଚଟାପଟ ବାଇକ ନେଇ ବାହାରିଗଲି । ଆମ ସହର ଠୁଁ ଅଳ୍ପ ଦୂରରେ ମଧୁ ବାସନ୍ତୀ ସ୍ନାକ୍ସ । ଭିତରେ ପଶିଲି । ପୁଅ ଝିଅ ଯୋଡି ଯୋଡି ହେଇ ବସିଥିଲେ, ମୋ ସହିତ ମଜା କରିଛି ବୋଲି ଭାବିଲି । ମନର ସବୁ ଆଶା ମରି ଆସୁଥିଲା ଯେମିତି..! ହଠାତ ଆଣ୍ଟି ଜଣେ ହାତ ଠାରି ଡାକିଲେ, ସାମ୍ନା ସିଟ ରେ ବସିବାକୁ କହି ପ୍ରଶ୍ନ କଲେ –' ପୁଅ, କାହାକୁ ଖୋଜୁଛ କି ? ' ମନର ସମସ୍ତ ଭାବନାକୁ ଭିତରେ କବର ଦେଇ ମୁଣ୍ଡ ଟୁଙ୍ଗାରି ନାହିଁ କଲି ।

–' ମୋତେ ଖୋଜୁଛ ନା.. ମୁଁ ମିଷ୍ଟି ମିଶ୍ର ର ମା..

ମୁଁ ସ୍ତବ୍ଧ ହେଇଗଲି ।

– ମୁଁ ତମ ସହ ଚାଟିଂ କରି ଏଠିକି ଡାକିଚି, ମୋ ଝିଅ ଗାଡି ଭିତରେ ବାହାରେ ଅପେକ୍ଷା କରିଛି । ଏବେ ସବୁ ସତ କୁହ, ମୋ ଝିଅ ସହ ତମର ସମ୍ପର୍କ କଣ, କେତେ ଦିନର ଆଉ ତା ବିଷୟରେ ସେ କଣ କହିଛି ? '

ମୋ ଛାତି ଧଡ଼ ଧଡ଼ ହେଉଥିଲା, ଏମିତି ପରିସ୍ଥିତି ଆସିବ ମୋ କଳ୍ପନା ବାହାର । ମୋ ପ୍ରେମ ଏକ ତରଫା ଥିଲା ବୋଲି ସ୍ୱୀକାର କଲି ।

–' ମୋ ହାତକୁ ଚାହଁ ପୁଅ, ପୁରା ଫୁଙ୍ଗୁଳା, ମୁଁ ବିଧବା, ଗୋଟେ ରାସ୍ତା ଦୁର୍ଘଟଣା ରେ ବ୍ୟାଙ୍କ ମେନେଜର ଥିବା ମୋ ସ୍ୱାମୀ ଙ୍କୁ ହରେଇଛି । ମିଷ୍ଟି ମୋର ଏକ ମାତ୍ର ସନ୍ତାନ, କିନ୍ତୁ କଲେଜ ଜୀବନରେ ଗୋଟେ ପୁଅ ତା ଜୀବନ ନଷ୍ଟ କରି ଦେଲା । ତା ଧୋକା ସହି ନ ପାରି ସେ ଅନେକ ଥର ଆତ୍ମ ହତ୍ୟା ଉଦ୍ୟମ କରିଛି, ବହୁତ କଷ୍ଟରେ ତା ମନ ବଦଳେଇ ତାକୁ ବଂଚେଇ ରଖିଛି । ସେ ପୁଣି କାହା ପ୍ରେମରେ ପଡି ପୁଣି ବର୍ବାଦ ହେଉ ମୁଁ ଚାହେଁନି ।ସେଥିପାଇଁ ତମକୁ ଏଠିକି ଡାକିଚି । ତମେ ଯଦି ପ୍ରକୃତିରେ ତାକୁ ଭଲ ପାଅ ଆଉ ଚାହଁ ତେବେ ତାକୁ କେବେ ପ୍ରଭାବିତ କରିବାକୁ ଚାହିଁବନି । ତା ପାଇଁ ନିଜକୁ ଯୋଗ୍ୟ କରିବାକୁ ହେବ । ମୁଁ ସରକାରୀ ଚାକିରୀ କଥା କହୁନି । ମୋ ଫାର୍ମ ହାଉସ ର ଦେଖା ଶୁଣା କରିବାକୁ ହେବ, ମୁଁ ତମର ଗତି ବିଧି ଦୁଇ ମାସ ଦେଖିବି ମୋର ପସନ୍ଦ ହେଲେ ମୋ ଫାର୍ମ ହାଉସ ତମର ଆଉ ମୋ ଝିଅ ବି ତମର । ଯଦି ଚାହଁ ଏକ ତାରିଖରୁ ଯୋଗ ଦେଇ ପାରିବ ।

ମୁଁ ନିର୍ବାକ ହେଇଗଲି । ଆଉ କିଛି ଭାବିବା ଆଗରୁ ସେ ତିନୋଟି ଜଳଖିଆ ଅର୍ଡର କରି ସାରିଥିଲେ, ମୋତେ ହାତ ଧୋଇବା ପାଇଁ ଇସାରା କରି ଫୋନ ରେ କାହା ସହ କଥା ହେଲେ । ମୁଁ ବେସିନ ପାଖରୁ ହାତ ଧୋଇ ଫେରିଲା ବେଳକୁ ମିଷ୍ଟି ମିଶ୍ର ମୋ ପାଖ ଚୌକିରେ ଆଉ ସାମନାରେ ତିନୋଟି ପ୍ଲେଟ । ମୁଁ ଖାଇବାକୁ ଇସାରା କରି ଆଣ୍ଟି ଖାଇ ବସିଲେ, ଜଲ୍ଦି ଉଠି କାଉଣ୍ଟର ରେ ପେମେଣ୍ଟ ବି କଲେ । ଗାଡ଼ିରେ ବସିବା ଆଗରୁ ମିଷ୍ଟି ମିଶ୍ର ଉଦ୍ଦେଶ୍ୟ ରେ କହିଲେ –' ଏ ଆମ ଫାର୍ମ ର ନୂଆ ମ୍ୟାନେଜର ।

ବାହାରେ ବାୟାଳିଶ ଡିଗ୍ରୀ ଖରା । ଭିତରେ ଯେମିତି କିଏ ଅବିର ମୁଠାଏ ବିଂଚୁଥିଲା, ଏ ସ୍ୱପ୍ନ ନା ବାସ୍ତବତା ? ମୁଁ ଅପଲକ ନୟନରେ ତାଙ୍କ ଗାଡ଼ିର ଫେରନ୍ତା ପଥକୁ ଚାହିଁ ରହିଥିଲି ।

*ମକୁନ୍ଦ ପୁର, ବାଙ୍କୀ*

*ମୋ : ୯୪୩୭୪୬୮୦୧୬*

## ମୋ ଗାଆଁ

*ଧ୍ରୁବ ଚରଣ ବେହେରା*



ଚିଲିକା କୂଳରେ ଆମ ଗାଆଁ ଅଛି
ଲାଗଇ ବଡ ସୁନ୍ଦର
ହସି ହସି ଆସେ ସକାଳେ ତପନ
ସୁନା କିରଣରେ ଧିର ।
ସବୁଜ ଶୋଭାରେ ବରଷଇ ଛଇ
ତାଳଗଛ ଗାଏ ଗୀତ
ଆକାଶ ଦିଶଇ ଶାନ୍ତ ନିରିମଳ
ଶୁଭେ କାକଳୀ ସଂଗୀତ ।
କୃଷକ ହାତରେ ହସୁଥାଏ ସଦା
ଧାନ ସୋରିଷର କ୍ଷେତ
ଗୀତ ଗାଇ ଗାଇ ଆମ ଚାଷୀ ଭାଇ
ଜମି କରୁଥାଏ ଜୋତ ।
ବାଲୁଗାଁ ଘାଟରୁ ଡଙ୍ଗା ପରେ ବସି
ଯେବେ ଯାଉ ମାମୁଁଘର
ଦୂରୁ ଦିଶୁଥାଇ ପାହାଡ ମୁଣ୍ଡିଆ
ଅପୂର୍ବ ସୁବର୍ଣ୍ଣ ତୀର ।
ଗୋଧୂଳି ବରଷେ ରଙ୍ଗରେ ହରସେ
ଲୋହିତ କିରଣ ଧାରେ
ଆମ ଗାଆଁ ଲାଗେ ସବୁଠୁ ଆପଣା
ସବୁରି ଦୁଃଖକୁ ହରେ ।
ଆମ ଗାଆଁ ଦାଣ୍ଡ ଲାଗେ ପରିଷ୍କାର
ପୋଖରୀରେ ନୀଳ କଇଁ
ଫୁଟୁଥାଏ ହସି ଅତି ଆନନ୍ଦରେ
ଜହ୍ନ ଆସେ ଯେବେ ଉଇଁ ।
ସୁନ୍ଦର ମୋ ଗାଆଁ ଅଛି ଭାଇଚାରା
କୋଳ ତା ଅତି ନିଆରା
ପଲ୍ଲୀ ରାଇଜର କାହାଣୀ କହଇ
ସ୍ମୃତିରେ ମୋ ଗାଆଁ ହୀରା ।

*ଭାରତୀୟ ସାମରିକ ସେବା*
*ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*
*ମୋ-୮୩୨୮୯୩୦୫୫୪*

## ରାତି କଣ ରହେ ସବୁଦିନ

*ସ୍ନିଗ୍ଧା ପଣ୍ଡା*

ଝଡ ଆସିବ ତ, ଆସୁ
ଭାଙ୍ଗି ଦେବ କିଛି ଘର, ଗଛ, ରାସ୍ତା
ମନ କଣ ଘର ନା ଗଛ ହୋଇଛି ଯେ
ଭାଙ୍ଗିଯିବ !
ଝଡ ଆସି ଚାଲିଗଲା ପରେ
ପୁଣି ଥରେ ଅଶା ଗଜୁରିବ
ପାପୁଲି ଘୋଡେଇ ଦେଲେ
ମହାଦ୍ରୁମ ପାଲଟିବ
ଲୁହ, ରକ୍ତ ନଈ କୂଳେ, କୂଳେ ।
ଆସୁଛି ମାଡି ଜୁଆର ତ, ଆସୁ
କୂଳର ଶାମୁକା ଭାସିଯିବ
ବାଲି ଡେଇଁ ରାସ୍ତା ଭିଜିଯିବ
ମନଟାଣ କରି ପାଦକୁ ଦୃଢ କରିଥିଲେ
ମୁଣ୍ଡକୁ ନଇଁ ଦେଲେ
ଜୁଆର ବି ଡେଇଁ ଚାଲିଯିବ
ଅନ୍ଧାର ଆସିବ ତ, ଆସୁ
ରାତି କଣ ରହେ ସବୁଦିନ ?
ଅନ୍ଧାରରେ ବାଟ ଯଦି ହଜି ଯାଇଥିବ
ମନ ପୁଣି ଆଶା ବାଡି ଧରି
ଦିନ ବେଳେ ରାସ୍ତା ଖୋଜି ଦେବ
ତମେ ଖାଲି ଚାଲୁଥାଅ ଆଗକୁ
ଅନ୍ଧାରକୁ ଭୟ କଲେ ସିନା
ଠେଲି ଦେବ ସିଏ ପଛକୁ ପଛକୁ ।

*ଗଣ୍ଡମୁଣ୍ଡା, ଭୁବନେଶ୍ୱର*
*ମୋ: ୯୮୬୧୩୨୩୬୫୦*

## ରଥ ଦିଅଁ ପଥ ଦିଅଁ, ବଡ଼ ଦିଅଁ କାଳିଆ

*ତାରାପ୍ରସାଦ ଜେନା*



ରଥ ଦିଅଁ ପଥ ଦିଅଁ, ବଡ଼ ଦିଅଁ କାଳିଆ
ଜଗତରେ କେହି ହେଲେ.. ନାହିଁ ତାର
ଭଳିଆ ! ୦ !
ଲୁହ ସାଥେ ମୋହ ରଖି, ଡାକ ପ୍ରାଣ
ଠାକୁରଦୁଃଖ ପୋଛି ସୁଖ ଦେବ, ନାହିଁ
ବାଛ ବିଚାର
ଗୁଣ୍ଡିଚାରେ ଉଭା ସିଏ,
ଧରି ଭାଇ ବଳିଆ ! ୧ !
ସୁଭଦ୍ରା ସେ ଭଉଣୀଟେ ବଡ଼ ଗେଲି ନିଜର
ସଙ୍ଗେ ଧରି ବୁଲାଉଛି, ଦଶ ଦିନ ଯାତ୍ରାର
ମାଉସୀର ପୋଡ଼ପିଠା,
ଶ୍ରଦ୍ଧା ଖିଆ ଚକିଆ ! ୨ !
ଜଗତର ଜଗବନ୍ଧୁ, ନାଲି ହସ ଅଧର
ଦିବ୍ୟ ଭବ୍ୟ ଦରଶନେ, ପୁଣ୍ୟ ପ୍ରାଣ
ଆଧାରମହାଲକ୍ଷ୍ମୀ ନେଇନାହିଁ,
ନିଜେ ସାଜି ଛଳିଆ ! ୩ !

*ରାଜ ରଣପୁର, ଜିଲ୍ଲା- ନୟାଗଡ଼,*
*ପିନ୍-୭୫୨୦୨୬*
*ଦୂରଭାଷ- ୯୩୪୮୦୫୪୩୦୦*

## ରଥ ଅଭିଳାଷ

*ବାପିନି ସିଂ*



ଶ୍ରୀ ମନ୍ଦିର ଶୀର୍ଷେ ? ଉଡୁଛି ହରଷେ
ପ୍ରଭୁଙ୍କ ଦର୍ଶନେ ନେତ ,
ମହାପ୍ରଭୁ ଆଜି ହୋଇଛନ୍ତି ବିଜେ
ଦେଖିବେ ବୋଲି ଭକତ ।
ଭକ୍ତ ଭଗବାନ ସମ୍ପର୍କ ଅସୀମ
ଭକ୍ତ ଆସୁଛନ୍ତି ମାଡ଼ି ,
କାଳେ କଉ ଭକ୍ତ ରହିବ ବଞ୍ଚିତ
ରଥ ନ ଯାଉଛି ଗଡ଼ି ।
କିଏ ଭକ୍ତିଭାବେ ନଡ଼ିଆ ଯେ ଯାଚେ
କିଏ ଦୂରୁ ନମସ୍କାର ,
ତୋ ଚକା ଆଖିରେ ଚକା ନୟନରେ
ରଥପୁରୁ ଭକ୍ତ ତୋର ।
ତୋ ନୟନେ କେହି ବଡ଼ ହୁଏ ନାହିଁ
ହୁଏ ନାହିଁ କେହି ସାନ ,
ବଡ଼ ଏକା ତୁହି ରାଜାଠୁ ସିପାହୀ
ତୋ ଆଗେ ସବୁ ସମାନ ।
ବଡ଼ ତୋର ଦାଣ୍ଡ ବଡ଼ ତୋର ପଣ୍ଡା
ତୋର ସେ ବଡ଼ ମନ୍ଦିର ,
ବଡ଼ ତୋର ଭୋଗ ବଡ଼ ତୋ ଭକତ
ବଡ଼ ତୋର ଦରବାର ।
ତୋ ପାଖକୁ ଆସି ଯାଇନାହିଁ କେହି
ଖାଲି ହାତେ କେବେ ଫେରି ,
ତୋ ଦର୍ଶନ ପାଇଁ ବସିଛି ଅନେଇ
ଲାଗିବ କେବେ ତୋ ଡୋରି
।ରଥଯାତେ ଆଜି ନନ୍ଦିଘୋଷେ ବସି
ଯିବୁ ମା' ଗୁଣ୍ଡିଚା ପାଶେ ,
ତୋ ରଥ ଦଉଡ଼ି ନେବି କେବେ ଭିଡ଼ି
ରହିଲି ସେ ଅଭିଳାଷେ ।

*ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ ,*
*ବାଲେଶ୍ୱର*
*ଦୂରଭାଷ : ୯୯୩୭୮୨୦୮୩୧*

## ଆହେ ଲୀଳାମୟ

*ସୁଧାକର ରାଉତ*



ତୁମେ ବ୍ରହ୍ମ ହୋଇ
ଦାରୁରେ ବିରାଜ ।
କେବେ ପୁଣି ଶାଳଗ୍ରାମେ ଶିଳା ।
ତୁମେ ତ ନିର୍ଗୁଣ
ସଗୁଣ ବି ତୁମେ
କେବେ ହୁଅ ଦୃଶ୍ୟ
ଅଦୃଶ୍ୟ ରେ ତୁମେ କର ଲୀଳା ।
ତୁମେ ତ ସାକାର
ପୁଣି ତୁମେ ନିରାକାର ।
ତୁମେ ହିଁ ସବୁର ସାରାଂଶ
କେବେ ଅଣୁରେ
ପୁଣି କେବେ ଅଣାକ୍ଷରରେ ।
ଜୀବ ଜଗତର
ତୁମେ ନିଖୁଣ ଚିତ୍ରକର ।
ରହସ୍ୟ ସୌନ୍ଦର୍ଯ୍ୟ ସାଗରେ
ସଭିଙ୍କୁ କର ଉବୁଟୁବୁ ।
ତୁମେ ବିଶ୍ୱଗତ ପୁଣି
ତୁମେ ବିଶ୍ୱାତୀତ ।
ତୁମ ପୁରୁଷ ପ୍ରକୃତି ରୂପେ
ମୋହିତ ଜୀବନ କଟିଯାଏ
ଖାଲି ଭାବୁ ଭାବୁ ।
ମାଧୁର୍ଯ୍ୟ ରେ କେବେ ତୁମେ
କେବେ ଐଶ୍ୱର୍ଯ୍ୟ ରେ
ବୃନ୍ଦାବନେ ଲୀଳା କର
ପୁଣି ଦ୍ୱାରକାରେ ।
ତୁମେ ଜ୍ଞାନାତୀତ
ଚିର ଅଗୋଚର
ତୁମେ ଶୂନ୍ୟାକାର
ପୁଣି ତୁମେ ପୂର୍ଣ୍ଣାକାର ।
ଭୂମି ରୁ ଭୂମା ଯାଏ
ସବୁ ତୁମର ଭିଆଣ ।
ତୁମେ ଅନ୍ତଡିଶାଳ ପୁଣ୍ୟର ।
ତୁମ ନାମେ ହୁଏ ନିତି
ପାପ ର ମରଣ ।
ମଧୁମୟ ତୁମ
ଚରଣା ମୃତ ।
ଲାଭ କରିବାକୁ
ପ୍ରାଣ ବ୍ୟାକୁଳିତ ।
ଜୀବନ ର ସାୟଂ କାଳେ
ଦର୍ଶନ ଅଭିସ୍ପାରୁ ନାଥ
ନ କର ବଞ୍ଚିତ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ରଥଯାତ୍ରା

*ସୁଦର୍ଶନ ମହାପାତ୍ର*



ଆଷାଢ଼ର ଶୁକ୍ଳ ଦ୍ୱିତୀୟା ତିଥିରେ
ତିନି ଦିଅଁ ପୁଲକିତ
ଶ୍ରୀଗୁଣ୍ଡିଚା ଯାତ୍ରା କରିବାକୁ ପରା
ତିନି ରଥ ସୁସଜ୍ଜିତ।
ଦର୍ଶନ ଦେବାକୁ ଭକତ ଜନଙ୍କୁ
ରଥାରୂଢ଼ ପୀତବାସ
ଦେଖିଦେଲେ ଥରେ ସେ ଦିବ୍ୟରୂପକୁ
ଦୂରୀଭୂତ ହୁଏ କ୍ଳେଶ ॥
ଆର୍ଯ୍ୟ ଅନାର୍ଯ୍ୟ ଜୈନ ବୌଦ୍ଧ ଶୈବ
ଶାକ୍ତ ବୈଷ୍ଣବଙ୍କ ପାଇଁ
ବରଷକ ଥରେ ଏଇ ଯାତ୍ରା ସତେ
ଭିଆଇଛନ୍ତି ଗୋସାଇଁ ॥
ଦ୍ୱାଦଶ ଯାତ୍ରାରୁ ଘୋଷଯାତ୍ରା ଭିନ୍ନ
ପୁରାଣେ ଅଛି ବର୍ଣ୍ଣିତ
ଲକ୍ଷ ଲକ୍ଷ ଭକ୍ତ ଦର୍ଶନ କରନ୍ତି
ଆତ୍ମା ହୋଇଯାଏ ପ୍ରୀତ ॥
ସାରା ବଡ଼ଦାଣ୍ଡ ପ୍ରକମ୍ପିତ ପରା
ନାନା ବାଦ୍ୟର ଝଙ୍କାରେ
ଅପୂର୍ବ ଭଙ୍ଗୀରେ ନୃତ୍ୟ କରୁଥାନ୍ତି
ଭକ୍ତ ଜନ ଆନନ୍ଦରେ ॥
ବ୍ରହ୍ମାଣ୍ଡ କରତା ରଥେ ବିଜେ ଆଜି
ଦର୍ଶନ ପାଏ ଭକତ
କୋଟି ଜନ୍ମ ପାପ ଧୋଇ ହୋଇଯାଏ
ପୁଣ୍ୟ ଫଳ ହୁଏ ପ୍ରାପ୍ତ ॥

*କୁଞ୍ଜବିହାରୀ ଲେନ, କଟକ*

## ଘେନନ୍ତୁ ପ୍ରଣାମ

*ନିରଞ୍ଜନ ସାହୁ*



ତୁମ ପାଦ ତଳେ ମଥା ରଖିଦେଲେ
ଜୀବନ ଲାଗଇ ଶାନ୍ତି
ମୋ ନୟନ ଦୁଇ ସଦା ଲୋଡୁଥାଇ
ଦେଖିବାକୁ ତୁମ କାନ୍ତି ।
ହାତ ଦୁଇ ମୋର ତାଳି ମାଡ଼ କରି
ଗାଉଥାଏ ତୁମ ନାମ
ମନ ଚାହୁଁଥାଏ ତବ ଦାସ ସାଜି
କରନ୍ତା ତୁମରି କାମ
କଣ୍ଠ ଚାହୁଁଥାଏ ତୁମ ସ୍ମରଣରେ
ସଦା ଗୀତ ଗାଉଥାନ୍ତି ।
ପାଦ ଚାହୁଁଥାଏ ତୁମରି ତୀର୍ଥକୁ
ଗମନ କରନ୍ତା ନିତି
କାନ ଚାହୁଁଥାଏ ମୋହରି ଗହ୍ୱରେ
ଶୁଭୁ ତୁମ ଜୟଗୀତି
ଆତ୍ମା ଚାହୁଁଥାଏ ତୁମ କୃପା ହେଲେ
ତୁମ ଠାରେ ଲୀନଯାନ୍ତି ।
ହୃଦୟ ଚାହିଁଇ ମୋ ନିଭୃତ କୋଣେ
ଦୟାମୟ କର ବାସ
ପ୍ରାଣପକ୍ଷୀ ଚାହେଁ ଦେହ ପଞ୍ଜୁରୀରୁ
ଉଦ୍ଧରିବା ପାଇଁ ଆସ
ତୁଣ୍ଡ ଚାହୁଁଥାଏ ତୁମ ପାଦୋଦକ
ପାଆନ୍ତି ନ ରଖି ଭ୍ରାନ୍ତି ।

*ନିହଳ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ - ୭୫୯୦୧୬*
*ମୋ : ୯୯୩୭୭୪୧୫୮୩*

## ପ୍ରୀତି ପ୍ରଣୟ

*ଯୁଧିଷ୍ଠିର କୁଅଁର*



ପ୍ରଣୟ ପରାଗେ ପ୍ରୀତି ପ୍ରଜାପତି
ଫଗୁଣର ଫଗୁ ବୋଳେ।
ମନ ଉପବନେ କାମନା କୁମୁଦ
ଅନୁରାଗ ଅଶ୍ରୁ ଢାଳେ॥
ପ୍ରେମ ଚିଟାଉରେ ସାଇତା ସପନ
ଗହନ ଗୋପନ ଭାଷା।
ପଙ୍କ୍ତିରେ ଝରଇ ପ୍ରେୟସୀର ପ୍ରୀତି
ବଢାଏ ମିଳନ ତୃଷା॥
ପ୍ରୀୟାର ପଣତ ପ୍ରୀତିର ପିଞ୍ଜୁରି
ମୋ ମନ ପକ୍ଷୀର ଘର।
ସ୍ମୃତି ବିଜଡ଼ିତ କାହାଣୀ ବିସ୍ମୃତ
ପ୍ରେମ ଜନ୍ମ ଜନ୍ମାନ୍ତର॥

*ଡଗରପଡା, ବାଲେଶ୍ୱର।*
*୯୦୪୦୬୩୨୧୯୪*

## ତୁମ ପ୍ରେମ ପାଗଳିନୀ

*କିରଣ କୁମାର ମହାନ୍ତି*

ହାତରେ ଅର୍ଘ୍ୟଥାଳି ମଥାରେ ନାଲି ଓଢଣୀ
ଆଉ ଆଖିରେ ଦି ବୁନ୍ଦା ଲୁହ ନେଇ
ମୁଁ ସ୍ତମ୍ଭ ପ୍ରାୟ ତୁମ ସିଂହଦ୍ୱାର ସମ୍ମୁଖେ
ଭାରି ଇଚ୍ଛା ତୁମକୁ ପାଖରୁ ଟିକେ ଦେଖିବାକୁ
ତୁମର ସେ ଡିମା ଡିମା ଆଖି
ଯୋଡିକ ରେ ଆଖି ମିଶାଇ
ଭାବନା ରାଇଜରେ ହଜିଯିବାକୁ
ଆଉ ସେ ଚକ୍ରିମ ଓଠରୁ ରଙ୍ଗ ଟିକେ ଆଣି
ମଥାରେ ସିନ୍ଦୂର କରି ନାଇବାକୁ ଇଚ୍ଛାହୁଏ
ନାଟମଣ୍ଡପରେ ବସି ତୁମକୁ ଝୁରିବାକୁ
ଆନନ୍ଦବଜାର ରେ ତୁମ ହାତରୁ
ଖାଇବାକୁ ଅବଢା
ଆଉ ଶବରୀ ପରି ତୁମକୁ ଖୁଆଇଦେବାକୁ
ଚାତକ ପରି ଚାହିଁରହିବାକୁ ତୁମ କଳାଶ୍ରୀମୁଖକୁ
ପେନ୍ଥା ପେନ୍ଥା ଶ୍ୱେତକମଳ ହୋଇ
ଅଜାଡିହୋଇଯିବାକୁ ତୁମ ପଦପଙ୍କଜ ଦ୍ୱୟରେ
ଆଉ ତୁମ ନାମର ଜପମାଳା କରି
ଜପିବାକୁ ଅହରହ
ମୋ ହୃଦୟର ଚକମକ୍ ପରଦାରେ
ତୁମେ ଯେ ଝଟକୁଥାଅ ପ୍ରତିକ୍ଷଣ
ତୁମ ମଧୁଝରା ପ୍ରେମରେ ମୁଁ ତିନ୍ତୁଥାଏ ଅବିରତ ?
ମହାଫୁଲରସିଆର ସନ୍ଧାନେ ମାମୁଲି
ପ୍ରଜାପତି
ପରି ପ୍ରେମସିକ୍ତ ଡେଣା ଧରି
ଉଡିବୁଲେ ମୁଁ ଏଣେତେଣେ ମେଘନାଦ
ପାଚେରୀ ଚାରିପଟେ
କାନରେ ଫୁସଫୁସ୍ କରି ଶୁଭେ କିଛି
ଅସ୍ପଷ୍ଟ ଶବ୍ଦ
ସତେ ଅବା ତୁମେ ଦେଉଛ ମୃଦୁ
ପ୍ରତ୍ୟୁତ୍ତର !!
ନିଶାର୍ଦ୍ଧରେ ତୁମକୁ ସ୍ୱପ୍ନ ରେ ଦେଖି
ଚମକି ଉଠେ
କପାଳରୁ ଝରି ଯାଏ ବୁନ୍ଦା ବୁନ୍ଦା ଝାଳ
ଶେଯରେ ଅନୁଭବେ ତୁଳସୀ ଓ
ଦୟଣାର ମହମହ ବାସ୍ନା
ମୋ ଗୋରା ଦେହେ ତୁମ ଶ୍ୟାମଳ
ରଙ୍ଗର ପରଶ
କି ଅବା ବର୍ଣ୍ଣିହୁଏ !!!
ମେଜ ଉପରେ ତୁମ ପ୍ରତିଛବି ଦେଖି
ମୁରୁକି ହସେ
ମନ୍ଦିର ରେ ସିନା ନାହିଁ ତୁମକୁ
ଦେଖିବାର ଅଧିକାର
କିନ୍ତୁ ସ୍ୱପ୍ନରେ ବାରମ୍ବାର ତୁମ ଦିବ୍ୟସ୍ପର୍ଶ
ରେ ଶିହରିଯାଏ
ତନ ମନ ପ୍ରାଣ ଆଉ ଏ ତୃଷିତ ଆତ୍ମା ?
କି ସମ୍ମହନ ମାୟା ଜାଣ ଅବା ତୁମେ ?
ସାତ ଦରିଆ ପାରିରୁ ଟାଣି ଆଣ ମୋତେ
ତୁମ ପାଖକୁ ବାରବାର ।
ଏ ରସିକ ଆଖି ଯୋଡିକରେ
କି କାଉଁରୀ ମନ୍ତ୍ର ଅଛି କେଜାଣି
ପ୍ରତିଥର ତୁମ ପ୍ରେମରେ ପଡେ ,
ସମସ୍ତଙ୍କ ମଧ୍ୟେ ତୁମକୁ ଦେଖେ
ଯେଉଁଠି ବି ଖୋଜେ,
ଖାଲି ତୁମକୁ ହିଁ ପାଏ ?
ତୁମକୁ ଭବ୍ୟ ସୁନ୍ଦର ପ୍ରେମିକ ଭାବି
ମୁଁ କାଳକାଳ ଅପେକ୍ଷାରତ ପ୍ରେମିକା ସାଜେ
ସେ ଅନିନ୍ଦ୍ୟସୁନ୍ଦର ରୂପ ସଂଦର୍ଶନରେ
ଅହରହ ଆତ୍ମବିସ୍ମୃତ ହୁଏ ।
ମୋ କୋମଳ ହୃଦୟ ,ପ୍ରେମ ଓ ଭକ୍ତିର
ଏକ ଅପୂର୍ବ ରସରେ ଉଚ୍ଛୁଳି ଉଠେ ?
କେବଳ ତୁମରି ପାଇଁ ବିରହିନୀ ସାଜି
ରାତି ରାତି ଉଜାଗର ରହେ ।
କେବେ ରାଧା କେବେ ମୀରା
ତ ପୁଣି କେବେ ଦେବଦାସୀ ସାଜି
ଗୀତଗୋବିନ୍ଦର ତାଳେ ତାଳେ ଇଚ୍ଛା
ହୁଏ ନାଚିବାକୁ ?
ହେଲେ ତୁମ ଅରୁଣ ସ୍ତମ୍ଭ ସମ୍ମୁଖେ
ବୋର୍ଡ ରେ ଲେଖାଥିବା
ବଡବଡ ଅକ୍ଷର ମୁଁ ଆଉ ତୁମ ମଧ୍ୟରେ
ଲକ୍ଷ୍ମଣରେଖା ଟାଣେ ।
ଦେହ କୁ ଦେହ ଠୁ ଦୂରେଇରଖେ
ହେଲେ ଆତ୍ମା
ମୋ ଆତ୍ମାରେ,ମୋ ହୃଦୟରେ
ତୁମେ ଯେ ପ୍ରବେଶ କର ଅବିରତ
ଆଉ ତୁମ ଗର୍ଭଗୃହେ ଝିଲମିଲ୍
ଡେଣା ମେଲାଇ
ଉଡେ ମୋ ପ୍ରେମପକ୍ଷୀ
ତୁମ ଶ୍ରୀଅଙ୍ଗ କୁ ଛୁଇଁଦେଇଯାଏ
ବାରବାର ?
ହେ ପରମପ୍ରେମ
ମନ୍ଦିର ବାହାରୁ ତୁମକୁ ମୋ ଭାବର ଚିଠି
ମୋ ପାଇଁ ସିନା ମନା ତୁମ ସିଂହଦ୍ୱାର
ହେଲେ ଏ ହୃଦୟ ଦୁଆର
ତୁମ ପାଇଁ ଉନ୍ମୁକ୍ତ ଚିରକାଳ ?
ତୁମେ ହୋଇଯାଅ ମୋ ଆଖିର
କଜଳଗାର
ଆଉ ମଥାର ସିନ୍ଦୂର
ଯେମିତି ପ୍ରତିଦିନ ଆଇନା ରେ
ଚାହିଁରହିବି ତୁମକୁ
ଅପଲକ ନୟନରେ ଲାଜୁଆ
ଚାହାଣିରେ ।
ତୁମେ ହୋଇଯାଅ ମୋ ମଥାମଣି
ଖୋଳଙ୍ଗାରେ ତୁମକୁ ନାଇ ହେବି ସଜେଇ ?
ପୁଣି ହୋଇଯାଅ ମୋ ପ୍ରଶ୍ୱାସର ବାୟୁ
ତୁମେ ପାଖରେ ଥିଲେ ଜୀଇଁବି
ଆଉ ବିନା ତୁମରି ,ତରିଯିବି ଏ ସଂସାରୁ
ମଉଳିଯିବି ତୁମ ଅଙ୍ଗର ଛଡାଫୁଲ ହୋଇ
ଲିଭିଯିବି ଅର୍ଦ୍ଧଦଗ୍ଧ ସଳିତାଟିଏ ପରି
ପାଇଯିବି ନିର୍ବାଣ
ଭଜିବି ମୋକ୍ଷର ଗାୟତ୍ରୀ
ସମର୍ପିବି ନିଜକୁ ତବ ଶ୍ରୀପୟରେ ?

*ଓ.ପ୍ର.ସେ-୧, ଜିଲ୍ଲାପାଳଙ୍କ*
*କାର୍ଯ୍ୟାଳୟ, ଗଜପତି*
*ମୋ:- ୮୧୪୪୪୧୦୫୬୯*

# ତିନୋଟି ଅଣୁ ଗଳ୍ପ



**ଡଃ. ଶଶୀ ଭୂଷଣ ମହାପାତ୍ର**

## ସ୍ୱପ୍ନର କଥା

ଗୋଟେ ରାତିର କଥା । ମୁଁ ଭାବୁଥିଲି, ମୁଁ ଗୋଟାଏ ବଡ ବଗିଚାର ମାଲିକ୍ । ସେଠି ବୃକ୍ଷମାନଙ୍କରେ ନାନା ଜାତିର ଫୁଲ ଫୁଟିଥିଲା। ସେ ଉପବନରେ ପରୀମାନେ ଘୁରି ବୁଲୁଥିଲେ। ପ୍ରଜାପତିମାନଙ୍କୁ ଛୁଁ ଥିଲେ। ଆଖି ପଟି ବାନ୍ଧି ଜଣେ ଅନ୍ୟ ଜଣଙ୍କୁ ଖୋଜୁଥିଲେ। ହସର ଜୁଆର ଚାରିଆଡେ ଖେଳୁଥିଲା। ମୁଁ ଭାବୁଥିଲି ଏ ସାରା ବଗିଚା ମୋର ଆଉ ଏ ପରିମାନେ ବି ମୋର ।

ଏତିକିବେଳେ ପରିମାନଙ୍କର ରାଜକୁମାରୀ ସଖୀମନଙ୍କୁ ଖୋଜି ଖୋଜି, ମୋତେ ଧରିପକାଇ ତାଙ୍କ ଆଖି ଖୋଲି ଦେଲାବେଳକୁ ମୋର ଆଖି ବି ଖୋଲିଗଲା । ନିଦ୍ରାଭଙ୍ଗ ପରେ ମୁଁ ଅନୁଭବକଲି କି, ଏ ବଗିଚା ,ଏ ରାଜକୁମାରୀ ଏବଂ ପରୀମାନେ ମୋର କେହି ନଥିଲେ। ମୋର ଆଖିରେ ସ୍ୱପ୍ନ ଥିଲା । ଅନ୍ଧକାର ଭିତରେ ମୁଁ ସ୍ୱପ୍ନ ଦେଖୁଥିଲି। ମୋର କିଛି ବି ଅଧିକାର ନଥିଲା। ବୋଧହୁଏ ସ୍ୱପ୍ନ ଦେଖିବା କେବଳ ମୋର ଅଧିକାର ଥିଲା।

## ସ୍ୱାଧୀନତା

ଘରେ ଗୋଟେ ଅଲୋଚ୍ନା ଚାଲିଥାଏ। ସମସ୍ତଙ୍କର ନିର୍ଣ୍ଣାୟକ ମନ୍ତବ୍ୟ ଏଇଆଥିଲା କି ପ୍ରତିଟି କ୍ଷେତ୍ରରେ ସମସ୍ତଙ୍କର ସ୍ୱଧୀନ ମତବ୍ୟକ୍ତ କରିବାର ଅଧିକାର ରହିବା ଉଚିତ ।

– ପୁଅ କହିଲା, ସ୍ୱାଧୀନତା ମାନେ କ'ଣ ? ଏହାର ଆକ୍ଷରିକ ଅର୍ଥ କ,ଣ ହୋଇପାରେ ?

ଏଥିପାଇଁ ଗୋଟା ?ଏ ଘମାଘୋଟ୍ ଆଲୋଚ୍ନା ଚାଲିଲା। ବାପା କହିଲେ, ନିଜର ଅଧୀନରେ ରହିବା ପ୍ରକୃତ ସ୍ୱାଧୀନତା। ସାନ ଭାଇ କହିଲା, ପରର ଅଧୀନ ନହେବା ହିଁ ସ୍ୱାଧୀନତା। ପତ୍ନୀ କହିଲେ ସ୍ୱାଧୀନତାର ସ୍ୱାଦ ଜାଣିଲେ ସିନା ସ୍ୱାଧୀନତା କ'ଣ କହିହେବ।

ମୁଁ ଭାବିଲି ମୁଁ କ'ଣ ମୋ ଅଧୀନରେ ଅଛି କି ? ଅନ୍ୟକୁ ସବୁବେଳେ ଅଧୀନରେ ତ ରଖିବାକୁ ପ୍ରୟାସ କରୁଛି। ସତ କୁ ସତ କହିବା, ମିଥ୍ୟାକୁ ମିଥ୍ୟା କହିବାର ସ୍ୱାଧୀନତା ଏଯାଏଁ ପାଇପାରିନି। ତେବେ ସ୍ୱାଧୀନତା କିଏ କାହାକୁ ଦେବ। କିଏ ଏହାକୁ ଅପହରଣ କରିଛି ? କେବେ ମିଳିବ ଏ ସ୍ୱାଧୀନତା ?

ସାନ ଭାଇ ଝିଅ କହିଲା, ଆଜିପରା ଅଗଷ୍ଟ ପନ୍ଦର ! ଆଜି ସ୍ୱାଧୀନତା ଦିବସ । ବଦମାସ୍ ଏ କରୋନା ସ୍ୱାଧୀନତା ଛଡାଇ ନେଇଛି ନହେଲେ ଆମେ ସ୍କୁଲରେ ଏବେ ପାଳନ କୁଥାନ୍ତୁ। ଆଉ ଏ ମାମା ମୋର ସ୍ୱାଧୀନତା ସବୁବେଳେ ଅପହରଣ କରୁଛି। ସ୍ୱାଧୀନତା ମୋର ଜନ୍ମଗତ ଅଧୀକାର ! ଜୟ ହିନ୍ଦ୍ !

ତା' କଥା ଶୁଣି ମୁଁ ଭାବୁଥିଲି ମୁଁ ତ ସବୁବେଳେ ମୋର ସ୍ୱାଧୀନତା ଅପହରଣ କରୁଛି। ମୁଁ କ'ଣ ସ୍ୱାଧିନତା ର ଅର୍ଥ କରିବି । ତେବେ କେବେ ମିଳିବ ଏଥିପାଇଁ ସ୍ୱାଧୀନତା ?

## ମନ ହିଁ ଉଡୁଛି

ଦୁଇ ଯୁବ ବନ୍ଧୁ ଜଣେ ଯୁବତୀଙ୍କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଥିଲେ । ଯୁବତୀଙ୍କର ଦୋପଟା ପବନରେ ଉଡୁଥିଲା। ଦୁଇ ବନ୍ଧୁଙ୍କ ଭିତରେ ଦୁଇ ପ୍ରକାର ମନ୍ତବ୍ୟ ସେମାନଙ୍କ ଭିତରେ ଯୁକ୍ତି ଆଣିଦେଲା। ଜଣେ ଯୁକ୍ତି ଉପସ୍ଥାପନ କରୁଥିଲେ କି ପବନରେ ଝିଅଟିର ଦୋପଟା ଉଡୁଛି। ଅନ୍ୟଜଣଙ୍କ କହୁଥିଲେ ନା, ନା, ପବନ ତା'ର ଦୋପଟା ଉଡାଉଛି।

ହଠାତ୍ ବାଟରେ ଯାଉଥିବା ଜଣେ ବୟସ୍କ ଭଦ୍ର ବ୍ୟକ୍ତିଙ୍କୁ ସେମାନେ ଅନୁରୋଧ କଲେ ଏ ତର୍କର ନିର୍ଣ୍ଣାୟକ ସମାଧାନ କରିବା ପାଇଁ ।ବନ୍ଧୁ ଦୁହେଁ ପଚାରିଲେ , କାହାର କଥା ଠିକ୍ । ପବନରେ ଦୋପଟା ଉଡୁଛି ନା ପବନ ଦୋପଟାକୁ ଉଡାଉଛି।

କିଛି ସମୟ ଚିନ୍ତା କରି, ଭଦ୍ର ବ୍ୟକ୍ତି ମୁରୁକି ହସାଦେଇ କହିଲେ, ଦୁହିଁଙ୍କର କଥା ଠିକ୍ ନୁହେଁ ।

ଯୁବକ ଦୁଇଜଣ ଏକ ସାଙ୍ଗରେ କହିଲେ ଏ ଦୁଇଟିଯାକ କଥା ଠିକ ନୁହେଁ ! ତେବେ ଠିକ କ'ଣ ?

ଅସଲରେ ତୁମମାନଙ୍କର ମନ ହିଁ ଉଡୁଛି, ଭଦ୍ର ବ୍ୟକ୍ତି କହିଲେ ।




# ଖଣ୍ଡପଡାରେ ଘୋଷଯାତ୍ରା



ଖଣ୍ଡପଡ଼ା (ପିଏନ୍): ଗଡଜାତ ଖଣ୍ଡପଡା ଅଂଚଳର ଦୁଇଟି ସ୍ଥାନରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରାରେ ଆଖପାଖ ଅଂଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ରାଜପରିବାର ଦ୍ୱାରା ପ୍ରତିଷ୍ଠିତ ଏକକ ଜଗନ୍ନାଥ (ବଡ଼ ଜଗନ୍ନାଥ) ଓ ଦ୍ୱିତୀୟ ରଥରେ ଦେବୋତର ବିଭାଗ ପକ୍ଷରୁ ଶ୍ରୀରଘୁନାଥ ମନ୍ଦିରର ପାର୍ଶ୍ୱ ଠାକୁର ଭାବେ ବିରାଜିତ ତିନି ଠାକୁର ରଥରେ ଯାତ୍ରା କରିଥିଲେ। ଅପରାହ୍ନ ୧ଟାରେ ମନ୍ଦିରରୁ ବିଗ୍ରହମାନଙ୍କୁ ପହଣ୍ଡି ବିଜେ କରାଯିବା ପରେ ରଥ ଚାରିପାଖରେ ଛେରାପହଁରା କାର୍ଯ୍ୟ ଶେଷ ହୋଇଥିଲା। ଖଣ୍ଡପଡା ରାଜା ବିଭୁତି ଭୁଷଣ ସିଂ ମର୍ଦ୍ଦରାଜ ଦୁଇ ରଥ ଚାରିପାଖେ ଛେରାପହଁରା କରିଥିଲେ। ପରେ ବିଗ୍ରହମାନଙ୍କ ଦର୍ଶନ ସହ ରଥ ଟାଣିବା ନିମନ୍ତେ ଶହଶହ ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ, ଉତ୍ସାହ ପରିଲକ୍ଷିତ ହୋଇଥିଲା। ସଂଜ ନଇଁବା ପୂର୍ବରୁ ଦୁଇ ରଥ ଗୁଣ୍ଡିଚା ମଣ୍ଡପରେ ପହଁଚିବା ସହ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା। ଯାତ୍ରା ସମୟରେ ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଦମକଳ ବାହିନୀ ଓ ଆମ୍ବୁଲାନ୍ସ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ଖଳିସାହିରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର କୁମାର ପୃଷ୍ଟି ରଥ ଚାରିପାଖରେ ଛେରାପହଁରା କାର୍ଯ୍ୟ ସଂପାଦନ କରିଥିଲେ। ସନ୍ଧ୍ୟା ସମୟରେ ରଥାରୁଢ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇଥିଲା। ସନ୍ଧ୍ୟା ଆଳତି ଦର୍ଶନ ସହ ଅଧରପଣା ପାଇବା ନିମନ୍ତେ ରଥ ସମ୍ମୁଖରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଘୋଷଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଖଣ୍ଡପଡା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# କୃଷକ ବିକାଶ ସମବାୟ ସମିତି ଲିଃ ନିର୍ବାଚନ: ପ୍ରମୋଦ ସାହୁ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ

କେନ୍ଦ୍ରାପଡ଼ା (ପିଏନ୍): କୃଷକ ବିକାଶ ସମବାୟ ସମିତି ଲିଃ ସଭାପତି ଭାବରେ ବିଶିଷ୍ଟ ସମବାୟବିତ୍ ତଥା ଚାଷୀଙ୍କ ନେତା ପ୍ରମୋଦ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ସାହୁ ଏକମାତ୍ର ପ୍ରାର୍ଥୀ ଭାବେ ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ଦେଶକ ଅଭୟ ସାମଲ ତାଙ୍କର ପ୍ରସ୍ତାବକ ଥିବା ବେଳେ ଅନ୍ୟତମ ନିର୍ଦ୍ଦେଶକ ଦିଲୀପ ମହାନ୍ତି ସମର୍ଥକ ରହିଥିଲେ। ପ୍ରାର୍ଥୀପତ୍ର ଦାଖଲ ସମୟ ଅତିବାହିତ ହେବା ପରେ ନିର୍ବାଚନ ଅଧିକାରୀ ବିକାଶ ତରାଇ ଶ୍ରୀ ସାହୁ କୃଷକ ସମବାୟ ସମିତି ଲିଃର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ଅନ୍ୟ ସମସ୍ତ ନିର୍ଦ୍ଦେଶକ ଏହି ନିର୍ବାଚନ ସମୟରେ ଉପସ୍ଥିତ ଥିଲେ। ଶ୍ରୀ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ଚାଷୀସମୁହ ଓ ସମବାୟପ୍ରେମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ବିଜୟ ପାଇଁ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଦେଖାଯାଇଥିଲା।

## ଫଟୋ ସାମ୍ବାଦିକଙ୍କ ବିୟୋଗରେ ଶୋକ ପ୍ରକାଶ

ଖଣ୍ଡପଡା (ପିଏନ୍): ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡା ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅକାଳ ମୃତ୍ୟୁବରଣ କରିଛନ୍ତି। ତାଙ୍କ ବିୟୋଗରେ ଖଣ୍ଡପଡା ଆଂଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତଃ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସଂଘ କାର୍ଯ୍ୟାଳୟ ପରିସରରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସଭାପତି ବିନାୟକ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସଂପାଦକ ଭବାନୀଶଂକର ସିଂହ ସାମନ୍ତ, ଶାନ୍ତିଶେଖର ରଥ, ବିନୋଦ କୁମାର ମହାପାତ୍ର, ରାମଚନ୍ଦ୍ର ଦାଶ, ଜନ୍ମେଜୟ ଦଳେଇ, ଶିବନାରାୟଣ ଦାସ, ଦୁର୍ଗାମାଧବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଖଣ୍ଡପଡା ଯୁବକ ସଂଘର ସେବା ଉତ୍ସବ

ଖଣ୍ଡପଡା (ପିଏନ୍)ଖଣ୍ଡପଡା ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଯୁବକ ସଂଘ ପକ୍ଷରୁ ପବିତ୍ର ଘୋଷଯାତ୍ରା ପରିପ୍ରେକ୍ଷୀରେ ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସଦସ୍ୟମାନେ ନୂତନ ଜର୍ସି ପରିଧାନ କରି ଖଣ୍ଡପଡା ଅଂଚଳର ପ୍ରଗତି ଓ ଶାନ୍ତି ପ୍ରତିଷ୍ଠାରେ ସାମିଲ ହେବା ସହ ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ। ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭିସାର ପଣ୍ଡା, ଶିଶୁକବି କାଶିନାଥ ଦାସ, ସାମ୍ବାଦିକ ଭବାନୀ ଶଂକର ସିଂହସାମନ୍ତ, ବିନାୟକ ମିଶ୍ର ପ୍ରମୁଖ ଅତିଥି ରୂପେ ସେବା ଉତ୍ସବରେ ସାମିଲ ହୋଇଥିଲେ। ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ପ୍ରଥମ କରି ଜଉ ରଥରେ ଗଡ଼ିଲେ ଜଉ ଜଗନ୍ନାଥ



ବାଲେଶ୍ୱର (ପିଏନ୍)-ଗତକାଲି ସାରା ବିଶ୍ୱରେ ପବିତ୍ର ରଥଯାତ୍ରା ପାଳନ କରାଯାଉଥିବା ବେଳେ ବାଲେଶ୍ୱରର ଜଉକଣ୍ଢେଇ ଶିଳ୍ପୀମାନେ ଏକ ଭିନ୍ନ ଶୈଳୀରେ ରଥଯାତ୍ରା ପାଳିଲେ। ବାଲେଶ୍ୱରରେ ଜଉକଣ୍ଢେଇ କଳାକୁ ଆଗେଇ ନେବା ପାଇଁ ୧୮ ଇଞ୍ଚ ଉଚ୍ଚର ଜଉରେ ରଥ ତିଆରି କରି ଜଉରେ ତିଆରି ତିନିଠାକୁରଙ୍କୁ ବସାଇ ରଥ ଟାଣିଥିଲେ। ଏଥିରେ ଜିଲ୍ଲାର ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀଙ୍କ ନିର୍ମିତ ୧୦୦୦ରୁ ଊର୍ଦ୍ଧ୍ୱ ନରନାରୀ, ଭକ୍ତ, ଦର୍ଶକ, କୀର୍ତ୍ତନ ମଣ୍ଡଳୀ, ସାଧୁ ଇତ୍ୟାଦି ଗହଣରେ ଜଉକଣ୍ଢେଇ ପ୍ରଦର୍ଶିତ ହୋଇଥିଲା। ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ବ ନଗରର ଦୁବଲାଗଡ଼ରେ ଆୟୋଜିତ ଏହି ରଥଯାତ୍ରାକୁ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦର ସଭାପତି ଭଗବାନ ଦାସ ଖଣ୍ଡେଲୱାଲ ଧୂପ ଦୀପରେ ଆଳତୀ କରି ରଥକୁ ଟାଣି ଉଦ୍‌ଘାଟନ କରି ଜଉ ରଥରେ ଜଉ ଜଗନ୍ନାଥ ଗଡ଼ିବା ମୋ ଜାଣିବାରେ ପ୍ରଥମ ବୋଲି କହିଥିଲେ। ଏଥିସହ ନିମନ୍ତ୍ରିତ ଅତିଥି କମଳବିହାରୀ ଦାସ, ଡଃ କରୁଣାକର ରାଉତ, ଜୟକୃଷ୍ଣ ସାହୁ, ପ୍ରଶାନ୍ତ ପଟେଲ ସୁଧାକର ସେଠୀ, ଗୋବିନ୍ଦ ଦଳାଇ, ଦେବେଶ ପରମାଣିକ ପ୍ରମୁଖ ଉପସ୍ଥିତ ହୋଇ ଜଉ ରଥ ଟାଣିଥିଲେ। ଜଉ ରଥ ତିଆରି କରିଥିବା ଶିଳ୍ପୀ ମାୟା ନାୟକ ସହ କନକଲତା ଦାସ, ସୁକାନ୍ତି ସାହୁ, ଗୌରୀ ଦାସ, ସୁପ୍ରଭା ବେହେରା, ନମୀତା ପଟ୍ଟନାୟକ ବହୁତ ଜଉକଣ୍ଢେଇ ଶିଳ୍ପୀ ଜଉ ରଥ ଟାଣି ନିଜର ଭକ୍ତି, ନୈବେଦ୍ୟ ପ୍ରଦାନ କରିଥିଲେ। ଜଉରେ ତିଆରି କୁନି ରଥରେ କୁନି କୁନି ଜଉର ତିନି ଠାକୁରଙ୍କୁ ଶଙ୍ଖ, ଘଣ୍ଟା, ହୁଳହୁଳି ବଜାଇ ସ୍ଥାନୀୟ ବହୁତ ଜଗନ୍ନାଥ ଭକ୍ତ ଓ ଗ୍ରାମବାସୀ ରଥ ଟାଣିବା ସହ ରଥ ପାଇଁ ଭିଡ଼ ହୋଇଥିଲା। ମୁଖ୍ୟ ଆୟୋଜକ ଶିଳ୍ପୀ କେଶୁ ଦାସ କହନ୍ତି ଜଉ ସହ ଜଗନ୍ନାଥଙ୍କର ପବିତ୍ର ସମ୍ପର୍କ। ଜଗନ୍ନାଥଙ୍କ ଦାରୁ ଦେଇ ଜଉର ପ୍ରଲେପନ ଦେବା ଜଗନ୍ନାଥ ସଂସ୍କୃତିର ପ୍ରାରମ୍ଭରୁ ରହିଛି। ଏହି ସଂସ୍କୃତିର ଗାଥାକୁ ଲୋକଲୋଚନକୁ ଆଣିବା ସହ ଜଉ କଳାକୁ ଆଗେଇ ନେବା ପାଇଁ ଏହି ପ୍ରୟାସ ପ୍ରଥମ ଥର ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଗଦାଧର ମହାନ୍ତି, ଦେବାଶିଷ ପତ୍ତି, ଅରୁଣ ବାରିକ, ଦିନକୃଷ୍ଣ ଧଳ, ଅଙ୍କୀତ ଦାସ, ପପୁନ ପ୍ରଧାନ, ରୁପକ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଅର୍କକ୍ଷେତ୍ରରେ ମହାପ୍ରଭୁଙ୍କ ରଥଯାତ୍ରା



କୋଣାର୍କ (ପିଏନ୍)-ଚଳିତ ବର୍ଷ ଆଷାଢ ମାସ ଶୁକ୍ଳ ଦ୍ୱିତୀୟା ତିଥି ଶୁକ୍ରବାର ଦିନ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅର୍କକ୍ଷେତ୍ର୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋଣାର୍କ ରାଜାରାମ ମଠ ପରିସରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା, ବଡ଼ଭାଇ ବଳଭଦ୍ରଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଘୋଷଯାତ୍ରାରେ ରାଉଳପାଟଣାସ୍ଥିତ ଗୁଣ୍ଡିଚାମନ୍ଦିରକୁ ଯାଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଦିନ ୨ଟା ସୁଦ୍ଧା ଶ୍ରୀଜୀଉମାନଙ୍କର ସମସ୍ତ ରୀତିନୀତି ସମାପନ ହୋଇ ପହଣ୍ଡି ହୋଇଥିଲା। ଶ୍ରୀଜୀଉମାନଙ୍କୁ ରଥାରୁଢ଼ କରାଇବାପରେ ଛେରାପହରାଁ କରାଯାଇଥିଲା। ଅପରାହ୍ନ ୪ଟାରେ ରଥ ଟଣାଯାଇ ସୂର୍ଯ୍ୟାସ୍ତ ପୂର୍ବରୁ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଯାଇଥିଲା। ଅର୍କକ୍ଷେତ୍ରରେ ଅସହ୍ୟ ଗୁଳୁଗୁଳି ସତ୍ୱେ ବହୁସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥକୁ ଟାଣିନେଇଥିଲେ। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଶାନ୍ତି ଓ ଶୃଙ୍ଖଳାର ସହ ରଥାରୁଢ଼ ଶ୍ରୀଜୀଉମାନଙ୍କୁ ଦର୍ଶନ କରି କୃତାର୍ଥ ଲାଭ କରିଥିଲେ। ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥକୁ ଟାଣିନେବା ପାଇଁ ରାଜାରାମ ମଠଠାରୁ ରାଉଳପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାୟ ୩ କିଲୋମିଟର ରାସ୍ତା ଲୋକାରଣ୍ୟ ହୋଇଥିଲା। ଏହି ସମୟରେ ଭକ୍ତଙ୍କ ଘଣ୍ଟ, ଘଣ୍ଟା, ଶଙ୍ଖ ନାଦ, ହୁଳହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠୁଥିଲା। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ରଥାରୁଢ଼ ଶ୍ରୀଜିଉଙ୍କୁ ଦର୍ଶନ କରି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ୨୦୧୫ ମସିହାରେ ମହାପ୍ରଭୁଙ୍କର ନବକଳେବର ଅବସରରେ ଏଠାରେ ଶ୍ରୀଜିଉମାନଙ୍କର ଶ୍ରୀମନ୍ଦିରର ନୀତିକାନ୍ତି ଅନୁଯାୟୀ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ୧୯୮୨ ମସିହାରୁ ୧୯୮୫ ମସିହା ପର୍ଯ୍ୟନ୍ତ ଏଠାରେ ଶ୍ରୀଜିଉମାନଙ୍କୁ ଶଗଡ଼ରେ ନିଆଯାଉଥିଲା। ୧୯୮୬ ମସିହାଠାରୁ ୧୯୯୫ ମସିହା ପର୍ଯ୍ୟନ୍ତ ଗୋଟିଏ ରଥ ନିର୍ମାଣ କରାଯାଇ ଭାଇଭଉଣୀଙ୍କ ରଥକୁ ଟାଣି ନେଉଥିଲେ ଭକ୍ତମାନେ ଗୁଣ୍ଡିଚା ମନ୍ଦିରକୁ। ୧୯୯୬ ମସିହାରୁ କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ସ୍ୱର୍ଗତଃ ସୂର୍ଯ୍ୟନାରାୟଣ ସାହୁଙ୍କ ଉଦ୍ୟମରେ ଏଠାରେ ତିନିରଥ ନିର୍ମାଣ କରାଯାଇ ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଥିଲା। ମହାମାରୀ କରୋନା ପାଇଁ ୨୦୨୦ ଓ ୨୦୨୧ ମସିହା ଗତ ଦୁଇବର୍ଷ ଧରି ରଥଯାତ୍ରା ଅନୁଷ୍ଠିତ ହୋଇପାରି ନଥିବା ବେଳେ ଚଳିତ ବର୍ଷ ତିନି ରଥ ନିର୍ମାଣ ନିମନ୍ତେ କାଠର ଅଭାବ ହେତୁ ଗୋଟିଏ ରଥ ନିର୍ମାଣ କରାଯାଇ କାର୍ଯ୍ୟ ସମ୍ପାଦନ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ରଥଟଣା ସମୟରେ ପୁରୀରୁ ଫେରୁଥିବା ଓ ପୁରୀକୁ ଯାଉଥିବା ଯାନବାହନଗୁଡ଼ିକ ବହୁ ସମୟ ଧରି ରାସ୍ତା ଉପରେ ଠିଆହୋଇ ରହିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଗତ ୩୮ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଏଠାରେ ପାଳିତ ହୋଇଆସୁଛି ରଥଯାତ୍ରା। ଚଳିତ ବର୍ଷର ରଥଯାତ୍ରାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ଅନ୍ୟ ପାଇଁ ଉଦାହରଣ କେନ୍ଦ୍ରାପଡ଼ାର ଉଚ୍ଚଶିକ୍ଷିତା ଝିଅ ଗୀତାଞ୍ଜଳି

## ଜଳଖିଆ ଦୋକାନ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି



କେନ୍ଦ୍ରାପଡ଼ା (ପିଏନ୍): ଚାକିରୀ ପଛରେ ଗୋଡାଇ ବେକାରୀ ହେବା ଅପେକ୍ଷା ନିଜେ କିଛି ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହେବା ଶ୍ରେୟସ୍କର। କାରଣ କୌଣସି ବ୍ୟବସାୟ କରିବା ଦ୍ୱାରା ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହିଭଳି ଜଣେ ଶିକ୍ଷିତା ଯୁବତୀ ହେଉଛନ୍ତି ଗୀତାଞ୍ଜଳି ସାହୁ। ଗୀତାଞ୍ଜଳି କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ଏକ ଜଳଖିଆ ଦୋକାନ କରିଛନ୍ତି। ଗୀତାଞ୍ଜଳି ଶିକ୍ଷା (ଏଜୁକେସନ) ଅନର୍ସ ରଖି ୨୦୧୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଏ ପାସ କରିଛନ୍ତି। ଏହାପରେ ସେ ଚାକିରୀ ପଛରେ ନ ଗୋଡାଇ ନିଜେ ବ୍ୟବସାୟ କରୁଛନ୍ତି। ଏଥିସହିତ ସେ ଜଣେ ସମାଜସେବୀ ଭାବେ ମଧ୍ୟ ବେଶ ପରିଚିତ। ଗୀତାଞ୍ଜଳିଙ୍କ ୪ ଭଉଣୀ। ଏହି ଦୋକାନରେ ସେ ଦିନକୁ ୧୦ ଘଣ୍ଟା କାମ କରନ୍ତି। ୪ ଭଉଣୀ ମଧ୍ୟରୁ ଗୀତାଞ୍ଜଳି ଦ୍ୱିତୀୟ। କେନ୍ଦ୍ରାପଡା ସହରର ବଡ଼ବାରଙ୍ଗ ଗ୍ରାମର କେଶବ ସାହୁ କୁହନ୍ତି ଗୀତାଞ୍ଜଳି ମୋ ଝିଅ ଓ ପୁଅ ଉଭୟ। କାରଣ ସେ ପୁଅ ଭଳି ଦୋକାନ ସମ୍ଭାଳୁଛି ଓ ଝିଅ ହୋଇ ଘରକାମ ମଧ୍ୟ କରୁଛି। ସେ ଦୋକାନ ନ ସମ୍ଭାଳିଲେ ଦୋକାନ ଚାଲିପାରେ ନାହିଁ। ତାର ଯଦି କୌଣସି ଦିନ ଦେହ ଅସୁସ୍ଥ ହୁଏ ତାହାହେଲେ ଦୋକାନ କାର୍ଯ୍ୟ ଠିକ୍‌ଭାବେ ହୋଇପାରେ ନାହିଁ। କାରଣ ଦୋକାନର ସବୁ କାର୍ଯ୍ୟ ମୁଁ କରିପାରେ ନାହିଁ। ତେଣୁ ମୁଁ କେବେ ଅନୁଭବ କରିନାହିଁ ଯେ ମୋର ପୁଅ ନାହିଁ ବୋଲି। ଗୀତାଞ୍ଜଳି ମୋ ପୁଅ ହୋଇ ଘର ଓ ବାହାର ଉଭୟ କାର୍ଯ୍ୟ କରିପାରେ। ଦୋକାନ ପାଇଁ ଜିନିଷପତ୍ର ମଧ୍ୟ ସେ ବଜାରରୁ କିଣି ନେଇଆସେ ବୋଲି ସେ କହିଛନ୍ତି। ଚାକିରୀ ସମ୍ପର୍କରେ ପଚାରିବାରେ ଗୀତାଞ୍ଜଳି କୁହନ୍ତି, ଆମେ ସମସ୍ତେ ଯଦି ଚାକିରୀ ପଛରେ ଦୌଡିବା ତାହାହେଲେ ଆମ ଅର୍ଥନୀତି ସୁଦୃଢ ହୋଇପାରିବ ନାହିଁ। ତେଣୁ ଆମକୁ ବ୍ୟବସାୟ ମଧ୍ୟ କରିବାକୁ ପଡିବ। କାରଣ ମୁଁ ଦୋକାନ ପାଇଁ ଯେଉଁସବୁ ଜିନିଷ ବଜାରରୁ କିଣୁଛି ସେ ଜିନିଷ ପ୍ରସ୍ତୁତ କରିବା ପାଇଁ ଅନେକ ପରିବାର ପରୋକ୍ଷରେ ନିୟୋଜିତ ହୋଇଛନ୍ତି। ତେଣୁ ପରୋକ୍ଷରେ ମୋ ଦୋକାନ ପାଇଁ ଅନେକ ପରିବାର ପ୍ରତିପୋଷଣ ହୋଇପାରୁଛନ୍ତି। ସେ କହିଛନ୍ତି ପାଠ ପଢିଥିଲେ ସବୁ କ୍ଷେତ୍ରରେ ତାହାକୁ କାର୍ଯ୍ୟକାରୀ କରିହେବ। କେବଳ ପାଠ ପଢି ଯେ ଚାକିରୀ କରିବା ସେ ମାନସିକତାରୁ ଶିକ୍ଷିତ ଯୁବକଯୁବତୀମାନେ ଦୂରେଇ ରହିବା ଆବଶ୍ୟକ। କାରଣ ପାଠର ମହତ୍ୱ ସବୁ ସ୍ଥାନରେ ରହିଛି ବୋଲି କହିଛନ୍ତି ଗୀତାଞ୍ଜଳି।

## ଦାଦାବଟି ମାଗିବା ଅଭିଯୋଗରେ ପୂର୍ବତନ କାଉନସିଲର ଗିରଫ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରସଂସ୍ଥାର ପୂର୍ବତନ କାଉନସିଲର ଶୁଭେନ୍ଦୁ ବାରିକଙ୍କୁ ଦାଦାବଟି ମାଗିବା ଅଭିଯୋଗରେ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏକ ଠିକା ସଂସ୍ଥାର ଠିକାଦାରଙ୍କୁ ଅଭିଯୁକ୍ତ ଶ୍ରୀ ବାରିକ ଦାଦାବଟି ମାଗୁଥିବା ନେଇ ସଂପୃକ୍ତ ସଂସ୍ଥା ପକ୍ଷରୁ ବିକାଶ ପୃଷ୍ଟି ଗତ ୨୦୨୧ମସିହା ଜୁନ ମାସ ୭ ତାରିଖରେ କେନ୍ଦ୍ରାପଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ସେହି ଅଭିଯୋଗକୁ ଭିତ୍ତିକରି ୯୭/ ୨୦୨୧ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଜଣଙ୍କ ଫେରାର ହୋଇଯାଇଥିବା ବେଳେ ପୋଲିସ ଅଭିଯୁକ୍ତକୁ ଖୋଜୁଥିଲେ। ଅଭିଯୁକ୍ତ ଜଣକ ସହରର ନୂଆ ବସଷ୍ଟାଣ୍ଡ ନିକଟରେ ଏକ ଦୋକାନରେ ବସିଥିବା ସମ୍ପର୍କରେ ଖବର ପାଇ ଟାଉନ ଥାନା ଇନିସପେକ୍ଟରର ଗୌରାଙ୍ଗ ଚରଣ ପୃଷ୍ଟି ଓ ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ଜମାଦାର ନରେନ୍ଦ୍ର ନାଥ ସୋରେନ ତାଙ୍କୁ ଗିରଫ କରି ଥାନାକୁ ନେଇଯାଇଥିଲେ। ପରେ ଅଭିଯୁକ୍ତ ଶୁଭେନ୍ଦୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ନାଭି ମୁମ୍ବାଇରେ ଶ୍ରୀଜିଉଙ୍କ ସ୍ନାନଯାତ୍ରା

ଭୁବନେଶ୍ୱର/ମୁମ୍ବାଇ (ପିଏନ୍): ନାଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ମନ୍ଦିରର ସ୍ନାନମଣ୍ଡପକୁ ଶ୍ରୀଜିଉଙ୍କୁ ଅଣାଯିବା ପରେ ୧୦୮ ତୀର୍ଥଜଳରେ ସ୍ନାନ କରାଯାଇଥିଲା। ଏହାପରେ ହାତୀବେଶ କରାଯାଇଥିଲା। ପରେ ଆଳତୀ ଓ ପୂଜା କରାଯାଇଥିଲା। ଏହି ଉପଲକ୍ଷେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷରେ ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଟ୍ରଷ୍ଟର ସଦସ୍ୟ ଓ ସେବକମାନେ ଏହାକୁ ପରିଚାଳନା କରିଥିଲେ।

## ମହାବୀର ଯୁଥ କ୍ଲବର ରଜ ମହୋତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ପୌରାଂଚଳ ଅନ୍ତର୍ଗତ ଠୋଙ୍ଗାହାଟ ସ୍ଥିତ ମେଳଣପଡିଆଠାରେ ମହବୀର ଯୁଥ୍ କ୍ଲବ ତରଫରୁ ତୃତୀୟ ବାର୍ଷିକ ରଜ ମହୋସବ ଉଦ୍‌ଯାପିତ ହୋଇଯାଇଛି। ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଲଳିତମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥିଭାବେ କାଉନ୍ସିଲର କମଲ ପ୍ରଧାନ, କାଉନ୍ସିଲର ସୁଶାନ୍ତ କୁମାର ଜେନା, କାଉନ୍ସିଲର କାଦମ୍ବିନୀ ରାଉତ, ଅଭିଷେକ ସିଂ ସାମନ୍ତ, ସମାଜସେବୀ ପ୍ରକାଶ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ରଜ ହେଉଛି ଓଡ଼ିଶାର ଏକ ମହାନ ପର୍ବ। ଏଥିସହିତ ଆମ ଅଂଚଳରେ ଏହା ଏକ କୃଷିଭିର୍ତ୍ତିକ ପର୍ବ ଭାବେ ପରିଚିତ ହୋଇଥିବାବେଳେ ଏହି ରଜକୁ ଜାତି, ଧର୍ମ, ବର୍ଣ୍ଣ ସବୁ ସମ୍ପ୍ରଦାୟର ଲୋକ ଆମ ଅଂଚଳରେ ପାଳନ କରିଥିବାରୁ ଏହା ସମସ୍ତଙ୍କ ମଧ୍ୟରେ ଏକ ଭାଇଚାରା ସୃଷ୍ଟି କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବିଧାୟକ ଶ୍ରୀ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁବ୍ରତ ପ୍ରସାଦ ବାରିକ, ରଘୁନାଥ ପଣ୍ଡା, ଶରତ ବେହେରା, ଆଶୀର୍ବାଦ ବେହେରା, ରାଜେଶ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# ରୋଟାରି କ୍ଲବ ପକ୍ଷରୁ ଜାତୀୟ ଚିକିତ୍ସକ ଦିବସ

ଧର୍ମଶାଳା, (ପିଏନ୍): ଡାକ୍ତର ଭଗବାନଙ୍କର ଆଉ ଏକ ରୂପ । ଚିକିତ୍ସକ ଜଣେ ରୋଗୀ ଲାଗି ଜୀବନଦାତା । ଡାକ୍ତରମାନଙ୍କୁ ଉତ୍ସାହ ଦେବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ମତବ୍ୟକ୍ତ କରିଛନ୍ତି । ଜାରକା ରୋଟାରୀ କ୍ଲବ ଓ ଇନର ହୁଇଲ କ୍ଲବ ଜାରକା ଆନୁକୂଲ୍ୟରେ ଗତକାଲି ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଜାତୀୟ ଚିକିତ୍ସକ ଦିବସ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡାକ୍ତର ସୁଧୀର କୁମାର ସାହୁ, ଡାକ୍ତର ପ୍ରଜ୍ଞେସିନୀ ନାୟକ, କବାଟବନ୍ଧ ଡାକ୍ତର ନିହାର ରଂଜନ କର, ଦାନଗଦୀ ଡାକ୍ତର ପ୍ରାୟାଗଜିତ ରାଉତରାୟଙ୍କୁ ରୋଟାରି ଓ ଇନର ହୁଇଲ କ୍ଲବ ପକ୍ଷରୁ ସେମାନଙ୍କ ରୋଗୀସେବା କାର୍ଯ୍ୟ ପାଇଁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା । ରୋଟାରିଆନ୍ ବିନୋଦ ବିହାରୀ ପରିଡ଼ା ଉତ୍ସବ ପରିଚାଳନା କରିଥିଲେ । ଏଥିପୂର୍ବରୁ ଚଳିତବର୍ଷ ପାଇଁ ଉଭୟ କ୍ଲବର ନୂତନ କର୍ମକ[illegible]ା ଘୋଷଣା କରାଯାଇ ସେମାନଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ସଭାପତି ରୋଟାରିଆନ୍ ନିରଂଜନ ପାଣିଗ୍ରାହୀ, ସଂପାଦକ ଜ୍ୟୋତି ଆଚାର୍ଯ୍ୟ, ଇନର ହୁଇଲର ସଭାନେତ୍ରୀ ରଶ୍ମିତା ନାୟକଙ୍କୁ ରୋଟାରି ନୂତନ ସଭାପତି ପ୍ରମୋଦ ସାମଲ, ସଂପାଦକ ସୁକାନ୍ତ ସ୍ୱାଇଁ, ଇନର ହୁଇଲ ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସଂପାଦିକା ବିଶ୍ୱମିତ୍ରା ସାହୁ ପୁଷ୍ପଗୁଚ୍ଛ ଦେଇ ସଂବର୍ଦ୍ଧିତ କରିଥିଲେ । ପୂର୍ବତନ ସଭାନେତ୍ରୀ ମିନତି ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଜାତୀୟ ଡାକ୍ତର ଦିବସ ଅବସରରେ ରୋଟାରି କ୍ଲବ ପକ୍ଷରୁ ସୁନାମଧନ୍ୟ ଡାକ୍ତର ରୋଟାରିଆନ୍ ସ୍ୱର୍ଗତ ରମେଶ ଚନ୍ଦ୍ର ସାହୁଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାଧୁରୀ ଶତପଥୀ, ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବାବେଳେ ରୋଟାରିକ୍ଲବର ସମସ୍ତ ସଦସ୍ୟ ଓ ଇନର ହୁଇଲ କ୍ଲବର ସମସ୍ତ ସଭ୍ୟମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ ।

# ଯୁବ ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକା ମେନ ମାର୍କେଟ ବଣିକ ସଙ୍ଘର ଯୁବ ବ୍ୟବସାୟୀ ସୟ କୁମାର ଓଝାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ବଣିକ ସଙ୍ଘ ସଭାପତି ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶୋକସଭାରେ ସମ୍ପାଦକ ଅଶୋକ କୁମାର ବରାଳ, କୋଷାଧ୍ୟକ୍ଷ ନକୁଳ ଚନ୍ଦ୍ର ସାହୁ, ସଭ୍ୟ ଭଗବତ ମହାରଣା ମଦନ ମୋହନ ସାହୁ, ଗୟାଧର ବେହେରା, ସେକ ଉମର , ଅରୁଣ ପୃଷ୍ଟି, ଦିଲୁ ରାଉତ, ମଣିନାଥ ସାହୁ, ସୁରେନ୍ଦ୍ର ସାହୁ, ବଟକୃଷ୍ଣ ସାହୁ ପ୍ରମୁଖ ସମସ୍ତ ବ୍ୟବସାୟୀ ଉପସ୍ଥିତ ରହି ସ୍ୱର୍ଗତ ସୟଙ୍କ ଆତ୍ମାର ସଦଗତି କାମନା କରିବା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଳି ଜଣାଇଥିଲେ । ଶୋକ ସନ୍ତପ୍ତ ତାଙ୍କ ପରିବାର ବର୍ଗଙ୍କୁ ସଙ୍ଘ ତରଫରୁ ସମବେଦନା ଜଣାଯାଇଥିଲା ।

# ସମବାୟ ବ୍ୟାଙ୍କ ପରିଚାଳକଙ୍କୁ ଅବସରକାଳୀନ ସଂବର୍ଦ୍ଧନା



ଧର୍ମଶାଳା, (ପିଏନ୍): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଧର୍ମଶାଳା ଖାଶାର ଶାଖାପରିଚାଳକ ଶ୍ରୀନାଥ ରାଉତ ଓ ସପୋର୍ଟ ଷ୍ଟାଫ୍ ବୈକୁଣ୍ଠ ପ୍ରଧାନ ଗତକାଲି ଅବସର ଗ୍ରହଣ କରିଛନ୍ତି। ଏଥି ଉପଲକ୍ଷେ ଅବସର କାଳନୀ ବିଦାୟ ସମ୍ବର୍ଦ୍ଧନା ସଭା ବ୍ୟାଙ୍କର ସହକାରୀ ଶାଖା ପରିଚାଳକ ନିହାରିକା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଦେଓଦା ପ୍ରାଥମିକ କୃଷି ସମବାୟ ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ବିରୂପାକ୍ଷ ଶରଣ ସ୍ୱାଗତ ଭାଷଣ ଦେଇ ବିଦାୟୀ ଶ୍ରୀ ରାଉତଙ୍କ କାର୍ଯ୍ୟଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ନୂତନ ଶାଖା ପରିଚାଳକ ପ୍ରିୟରଂଜନ ସାହୁଙ୍କୁ ବ୍ୟାଙ୍କର ସମସ୍ତ କର୍ମଚାରୀ, ପ୍ରାଥମିକ କୃଷି ସମବାୟ ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀମାନେ ସ୍ୱାଗତ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆରୁହା ଓ ଅରେଇକଣାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଭିମନ୍ୟୁ ରାୟ, ଅଭୟପୁରର ସଂଜୟ ସେଠୀ, ଚୋରମୁହାଁର ଶମ୍ଭୁଦ[illegible] ମହାନ୍ତି, ଜେନାପୁରର ଶୁଭାଶିଷ ସ୍ୱାଇଁ, କୋଡପୁରର ସୀତାକାନ୍ତ ଦାଶ, କ[illegible]ଗଡ଼ିଆର ରଂଜନ ସେଠୀ, ମଧୁପୁରଗଡ଼ ଗୌରୀଶଙ୍କର ମହପାତ୍ର, ମଧୁସୂଦନପୁରର ଭଜନ କୁମାର ଦାସ, ମହିଶରାର ଅମରେନ୍ଦ୍ର ରାଉତ, ମିର୍ଜାପୁରର ସୁବ୍ରତ ଜେନା ସାମନ୍ତ, ରେଖିଦେଇପୁରର ଅକ୍ଷୟ ବେହେରା ଯୋଗଦେଇ ଶାଖା ପରିଚାଳକଙ୍କ କାର୍ଯ୍ୟଦକ୍ଷତା ଓ କର୍ମଚାରୀମାନଙ୍କ ପ୍ରତି ସହଯୋଗ ସଂପର୍କରେ କହିଥିଲେ । ଶେଷରେ ସପୋର୍ଟ ଷ୍ଟାଫ୍ ଦୀନବଂଧୁ ଖୁ[illegible]ଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ସେଲର ମିତଲ ଉଦବୃତ ପାଣିରେ ହନ୍ତସନ୍ତ ମୂଷାଡିଆ ଗ୍ରାମବାସୀ



ପାରାଦୀପ, (ପି.ଏନ):ପାରାଦୀପ ଠାରେ ଥିବା ଆର୍ସେଲର ମିତଲ ନିପ୍ପନ ଷ୍ଟିଲ୍ କମ୍ପାନୀର କାରାଖାନାରୁ ଉଦବୃତ ବର୍ଷାପାଣିରେ ନିକଟସ୍ଥ ମୂଷାଡିଆ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଦିନ ଲଗାଣ ବର୍ଷା ପରେ ଆର୍ସେଲର ମିତଲ ନିପ୍ପନ ଷ୍ଟିଲ୍ କାରଖାନା ପରିସରରେ ଥିବା ବର୍ଷା ପାଣିକୁ କମ୍ପାନୀ କର୍ତ୍ତୃପକ୍ଷ ନାଳ ବାଟେ ଛାଡି ଦେବା ପରେ ପାଣି ସିଧା ନିକଟସ୍ଥ ମୂଷାଡିଆ ଗ୍ରାମରେ ପ୍ରବେଶ କରିଥିଲା । ପାଣି ଗ୍ରାମରେ ପଶିବା ପରେ ଲୋକମାନେ ଏକ ପ୍ରକାରର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ମୂଷାଡିଆ ଗ୍ରାମରେ ଥିବା ମୂଷାଡିଆ ୟୁ.ପି.ସ୍କୁଲରେ ପାଣି ପଶି ଯିବା ପରେ ପିଲାମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି । ପିଲାମାନଙ୍କର ମଧ୍ୟାହ୍ନ ଭୋଜନ ସ୍କୁଲ ପରିସରରେ ନ ହୋଇ ସ୍କୁଲ ବାହାରେ ହେଉଛି । କମ୍ପାନୀର ଏଭଳି ଅମାନବୀୟ କାର୍ଯ୍ୟକୁ ଗ୍ରାମବାସୀମାନେ ଦୃଢ ଭାବେ ବିରୋଧ କରିଛନ୍ତି । ଦୀର୍ଘ ଦିନ ଧରି କମ୍ପାନୀ ମୂଷାଡିଆ ଗ୍ରାମବାସୀଙ୍କୁ ଜାଣିଶୁଣି ହଇରାଣ ହରକତ କରୁଛି । କମ୍ପାନୀର ଆଇରନ୍ ଡଷ୍ଟ(ଲୁହା ଗୁଣ୍ଡ) ବସ୍ତିର ସମସ୍ତଙ୍କ ଘରେ ପଶୁଛି । ଲୋକମାନଙ୍କର ଘର, ବାହାର ସବୁଠି ଲାଲ ଆସ୍ତରଣ ଦେଖିବାକୁ ମିଳୁଛି । ଏହି ଲୁହା ଗୁଣ୍ଡର ପ୍ରଭାବରେ ସ୍ଥାନୀୟ ଲୋକମାନେ ରୋଗାକ୍ରାନ୍ତ ହେଲେଣି । ଏହାକୁ ବନ୍ଦ କରିବାକୁ ବାରମ୍ବାର ଦାବୀ କଲେବି କମ୍ପାନୀ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି । ଓଲଟା ବର୍ଷା ଦିନେ କମ୍ପାନୀ ପରିସରେ ଥିବା ଉଦବୃତ ବର୍ଷାଜଳକୁ ଜାଣଶୁଣି ଗାଁ ଭିତରକୁ ଛାଡି ଦେଉଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଗାଁର ରାସ୍ତା ଉପରେ ବର୍ଷା ଜଳ ବୁଡି ରହିଥିବା ବେଳେ ଗାଁ ଲୋକମାନେ ଘରୁ ବାହାରି ପାରୁନାହାନ୍ତି । ଏଭଳି ସ୍ଥିତିରେ କମ୍ପାନୀ ଅଧିକାରୀମାନେ ସାଧାରଣ ସୌଜନ୍ୟତା ଦୃଷ୍ଟିରୁ ସେମାନଙ୍କ ପାଖରେ ନ ପହଂଚିବାକୁ ଗ୍ରାମବାସୀମାନେ କମ୍ପାନୀ ବିରୁଦ୍ଧରେ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । କମ୍ପାନୀ ଯଦି ଆଗାମୀ ସାତ ଦିନ ମଧ୍ୟରେ ଏ ସମସ୍ୟାର ସମାଧାନ ନ କରେ ତେବେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଚେତାଇ ଦେଇଛନ୍ତି ।

# ଉଦୟପୁର ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡ ପାଇଁ ବିଶ୍ୱ ହିନ୍ଦୁ ପରିଷଦର ଦାବି




ବାଲେଶ୍ୱର ,(ପି.ଏନ):ରାଜସ୍ଥାନର ଉଦୟପୁର ଠାରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟକୁ କେନ୍ଦ୍ର କରି ୨ ଜଣ ସଂଖ୍ୟାଲଘୁ ଆତତାୟୀ ଏକ ନିରୀହ ହିନ୍ଦୁ କହ୍ନାଇଲାଲ କୁମାରଙ୍କୁ ଯେଉଁ ଭଳି ଭାବରେ ବେକ କାଟି ହତ୍ୟା କରି ହତ୍ୟା ସମୟରେ ଫୋଟ ଚିତ୍ରକୁ ସାମାଜିକ ଗଣମାଧମରେ ପ୍ରଚାରପ୍ରସାର କରିବା ସହିତ ସମଗ୍ର ହିନ୍ଦୁଜାତି ଓ ଦେଶର ପ୍ରଧାନ ମନ୍ତ୍ରୀଙ୍କୁ ହତ୍ୟା ଧମକ ଦେବା ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ "ଇସ୍ଲାମିକ ଜିହାଦ ଓ ଆତଙ୍କବାଦ ବିରୋଧରେ" ଆଜି ସନ୍ଧ୍ୟା ୫ ଘଟିକା ସମୟରେ ଫକୀରମୋହନ ଗୋଲାଇ ଠାରେ ବିକ୍ଷୋଭ କରାଯାଇଥିଲା ତଥା ଉକ୍ତ ୨ ଜଣ ଆତତାୟୀ ମାନଙ୍କୁ ଯଥାଶିଘ୍ର ଫାଶୀଦଣ୍ଡ ଦିଆଯିବା ପାଇଁ ଦାବି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ କଲିକତା କ୍ଷେତ୍ରର ସଂଗଠନ ମନ୍ତ୍ରୀ ଶ୍ରୀ ଗୌରୀ ପ୍ରସାଦ ରଥ, ଶ୍ରୀ ସଂଜୟ ମହାପାତ୍ର, ନଗର ସଭାପତି ଶ୍ରୀ ଆଲୋକ କୁମାର ପଣ୍ଡା, ନଗର ସଂପାଦକ ଶ୍ରୀ ପ୍ରଶାନ୍ତ ନାୟକ, ନଗର ବଜରଙ୍ଗ ଦଳ ସଂଯୋଜକ ଶ୍ରୀ ରାକେଶ ସାହା, ଶ୍ରୀ ରଜନୀକାନ୍ତ ଶତପଥୀ, ଶ୍ରୀ ଭାଗ୍ୟରଞ୍ଜନ ନାୟକ, ଶ୍ରୀ ବଳଭଦ୍ର ଶତପଥୀ, ଦୂର୍ଗାବାହିନୀ ନଗର ସଂଯୋଜିକା ଶ୍ରୀମତୀ ହେମଲତା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ କରାଯିବା ସହ ଏଥିରେ ଶ୍ରୀ ଗୋବିନ୍ଦ ଦାସ, ଶ୍ରୀ ଗୋପାଳ ନାୟକ, ଶ୍ରୀ ମାନସ ରଞ୍ଜନ ବେହେରା, ଶ୍ରୀମତୀ ଶୋଭନା ମହାନ୍ତି, ଶ୍ରୀ ସୀତାକାନ୍ତି ସ୍ୱାଇଁ, ଶ୍ରୀ ବିକାଶ ପାଢ଼ୀ, ଶ୍ରୀ ବିନୋଦ ନାୟକ, ଶ୍ରୀ ଆତିଷ ମହାନ୍ତି ପ୍ରମୁଖ ଏହି ବିକ୍ଷୋଭ ପ୍ରଦର୍ଶନ ସଭାରେ ସାମିଲ ହୋଇ ଏହି ହତ୍ୟା କାଣ୍ଡକୁ ଘୋର ବିରୋଧ କରିବା ସହ ଗିରଫ ଦୁଇ ହତ୍ୟାକାରୀଙ୍କୁ ତୁରନ୍ତ ବିଚାର କରି ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଦାବି କରିଥିଲେ।

# ଅଙ୍ଗନୱାଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ଗ୍ରାମର ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରମଣ କରି ଫୋରାରଥିବା ଯୁବକକୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଗତ ୨୮ ତାରିଖରେ ଚୋରମୁହାଁ ଗ୍ରାମର ଅଙ୍ଗନୱାଡି କର୍ମୀ ତିଳୋତମା ବେହେରା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ରାକେଶ ଦାସ ନମକ ଯୁବକ ତାଙ୍କୁ ପଛପଟୁ ଠେଙ୍ଗା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା । ଅକ୍ରମଣ ହେବାରୁ ମହିଳା ଜଣକ ଅଙ୍ଗନୱାଡି କେନ୍ଦ୍ରକୁ ପଶି ଆସ ନିଜର ଜୀବନ ବଂଚାଇଥିଲା ବେଳେ ଆକ୍ରମଣକାରୀ ଯୁବକ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଅଙ୍ଗନୱାଡି କର୍ମୀଙ୍କୁ ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିକଟସ୍ଥ ଧର୍ମଶାଳା ମେଡିକାଲରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ଆହତ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ କାର୍ତିକ ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୩୭୬/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ହେଲେ ଅଭିଯୁକ୍ତ ଜଣକ ଫେରାର ଥିବାରୁ ପୁଲିସ ତାକୁ ଗିରଫ କରିବାରେ ବିଫଳ ହୋଇଥିଲା । ଏହାକୁ ନେଇ ରାଜ୍ୟ ଅଙ୍ଗନୱାଡି ସଙ୍ଘର ସଭାପତି ନନ୍ଦିନୀ ପଣ୍ଡାଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକ ଅଙ୍ଗନୱାଡି କର୍ମଚାରୀ ସଙ୍ଘ ପକ୍ଷରୁ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଥାନା ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ । ତେବେ ଆଜି ଅଭିଯୁକ୍ତ ମୁଷାକୁ ପୁଲିସ ପାଣିକୋଇଲି ଅଂଚଳରୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray